# ୨୧

# ରାଜନୈତିକ ଦଳ ଏବଂ ଚାପଗୋଷ୍ଠୀ

ତୁମ୍ଭେମାନେ ପଢ଼ିଅଛ ଯେ ଗଣତନ୍ତ୍ର ହେଉଛି ଲୋକମାନଙ୍କର ଲୋକମାନଙ୍କ ପାଇଁ ଏବଂ ଲୋକମାନଙ୍କ ଦ୍ୱାରା କରାଯାଇଥିବା ସରକାର। ଗୋଟିଏ ଗଣତାନ୍ତ୍ରିକ ସରକାର ଲୋକମାନଙ୍କ ସରକାର ଏବଂ ଲୋକମାନଙ୍କ ଦ୍ୱାରା ପରିଚାଳିତ ହେଉଥିବା ସରକାର ରୂପେ ବିବେଚିତ ହୁଏ। ଅଭ୍ୟାସର ଫଳ ସ୍ୱରୂପ ଅଧିକାଂଶ ଗଣତାନ୍ତ୍ରିକ ସରକାର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଚାଲୁଅଛି। ତୁମେ ଭାବିପାରୁଥିବ ଯେ ଲୋକମାନେ କିପରି ନିଜେ ସରକାରରେ ପ୍ରତିନିଧିତ୍ୱ କରୁଛନ୍ତି। ଲୋକମାନେ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚିତ କରିଥାନ୍ତି। ନିର୍ବାଚନରେ ସାଧାରଣତଃ ପ୍ରାର୍ଥୀ ଯେଉଁ ଅନୁଷ୍ଠାନ ଦ୍ୱାରା ମନୋନୀତ ହୋଇଥାଏ ତାକୁ ରାଜନୈତିକ ଦଳ କୁହାଯାଏ। ପ୍ରାର୍ଥୀମାନଙ୍କ ମଧ୍ୟରୁ କେତେକ ସ୍ୱାଧୀନ ଭାବରେ ପ୍ରତିଯୋଗୀତା କରନ୍ତି। ଯାହାବି ହେଉ ଲୋକମାନଙ୍କର ଅଂଶଗ୍ରହଣ କରିବା ନିର୍ବାଚନରୁ ଆରମ୍ଭ ହୁଏ ନାହିଁକି ଶେଷ ହୋଇଯାଏ ନାହିଁ। ଲୋକମାନେ ମଧ୍ୟ ଦଳବଦ୍ଧ ହୋଇ ଶାସନ ପରିଚାଳନାରେ ନିଜକୁ ସାମିଲ କରିଥାନ୍ତି, ସେହି ଦଳମାନଙ୍କୁ ଚାପଗୋଷ୍ଠୀ କିମ୍ବା ସ୍ୱାର୍ଥପର ଗୋଷ୍ଠୀ କହନ୍ତି। ବିଶେଷ କରି ଏହା ଆମ ଦେଶରେ ଦେଖାଯାଇଥାଏ। ତୁମ୍ଭେମାନେ ରାଜନୈତିକ ଦଳ ଏବଂ ଚାପଗୋଷ୍ଠୀ ସମ୍ବନ୍ଧରେ ଏଣିକି ଅଧିକ ଜାଣିବ।

## ଲକ୍ଷ୍ୟ

ଏହି ପାଠକୁ ପଢ଼ିସାରିଲା ପରେ ତୁମେ ଜାଣିବାକୁ ସକ୍ଷମ ହେବେ ଯେ:

- ରାଜନୈତିକ ଦଳର ଅର୍ଥର ବ୍ୟାଖ୍ୟା
- ରାଜନୈତିକ ଦଳର ପ୍ରଧାନ ଗୁଣ ଧର୍ମ ବିସ୍ତୃତ ଭାବରେ
- ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ରାଜନୈତିକ ଦଳର ଭୂମିକା ଏବଂ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା।
- ଭାରତରେ ଥିବା ରାଜନୈତିକ ଦଳର ଶ୍ରେଣୀ ବିଭାଗ।
- ଭାରତର ଜାତୀୟ ରାଜନୈତିକ ଦଳ ଏବଂ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ପ୍ରଭେଦ।
- ଜାତୀୟ ରାଜନୈତିକ ଦଳର ମୁଖ୍ୟ ନୀତି ଗୁଡିକ ଉପରେ ବିସ୍ତୃତ ବ୍ୟାଖ୍ୟା।

- ଚାପଗୋଷ୍ଠୀର ମୂଲ୍ୟାୟନ ଏବଂ ଭୂମିକା ଏବଂ
- ଆମର ଦୈନ-ନ୍ଦିନ ଜୀବନରେ ରାଜନୈତିକ ଦଳର ପ୍ରଭାବର ବ୍ୟାଖ୍ୟା।

## ୨୧.୧ ରାଜନୈତିକ ଦଳର ଅର୍ଥ ଏବଂ ଚରିତ୍ରାବଳୀ

### ୨୧.୧.୧ ଆମ୍ଭେମାନେ କାହିଁକି ରାଜନୈତିକ ଦଳ ଦରକାର କରୁ ?

ରାଜନୈତିକ ଦଳ ବ୍ୟତୀତ ଆମର ଗଣତାନ୍ତ୍ରିକ ସରକାର ଗଠନ ହୋଇପାରିବ କି ? ଆଜି ଏହାର ଉତ୍ତର ନାହିଁ ହେବ। ତୁମ୍ଭମାନଙ୍କ ମଧ୍ୟରୁ କେତେକ କହିପାରନ୍ତି ଯେ ବିନା ରାଜନୈତିକ ଦଳରେ ସରକାର ଗଠନ ହୋଇପାରିବ। ଲିବିୟା, ଓମାନ, କତାର ଏବଂ ଆରବ ସାଧାରଣତନ୍ତ୍ରରେ ବିନା ରାଜନୈତିକ ଦଳରେ ସରକାର ଗଠନ ହୋଇଅଛି। ଯାହାବି ହେଉ ସେଗୁଡ଼ିକ ଗଣତାନ୍ତ୍ରିକ ସରକାର ନୁହେଁ। ତେଣୁକରି ଆମେ ଜାଣିବା ଯେ, ଯେଉଁଠାରେ ଦକ୍ଷ ରାଜନୈତିକ ଦଳ ଅଛନ୍ତି ସେହି ଦେଶରେ ଗଣତାନ୍ତ୍ରିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ରାଜନୈତିକ ଅନୁଷ୍ଠାନ ମାନ ଗଢ଼ି ସରକାରଙ୍କୁ ଗଣତନ୍ତ୍ର ଆଡକୁ ଆକୃଷ୍ଟ କରନ୍ତି। ନିର୍ବାଚନରେ ଅଂଶଗ୍ରହଣ କରିବାକୁ ରାଜନୈତିକ ଦଳ ଲୋକମାନଙ୍କୁ ଯୋଗ୍ୟ କରନ୍ତି ଏବଂ ସରକାରଙ୍କୁ ଅନ୍ୟ କାର୍ଯ୍ୟକ୍ରମ ପାଇଁ ମଧ୍ୟ ଯୋଗ୍ୟ କରନ୍ତି। ସେ ନୀତି ପସନ୍ଦ କରିବାକୁ ଲୋକମାନଙ୍କୁ ଶିକ୍ଷିତ କରନ୍ତି ଏବଂ ସୁଯୋଗ ଦିଅନ୍ତି। ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାରେ ରାଜନୈତିକ ଦଳର ଆବଶ୍ୟକତା ସମ୍ଭବପର ହୋଇଅଛି। ତୁମେ ରାଜନୈତିକ ଦଳର ଅର୍ଥକ'ଣ ବୋଲି ପଚାରିପାର ? ଏବଂ ଏହାର ପ୍ରଧାନ କାର୍ଯ୍ୟାବଳୀ କ'ଣ ପଚାରିପାର ? ଗଣତାନ୍ତ୍ରିକ ସରକାରରେ ସେମାନଙ୍କର ଭୂମିକା କ'ଣ ?

### ୨୧.୧.୨ ରାଜନୈତିକ ଦଳର ଅର୍ଥ

ଗୋଟିଏ ରାଜନୈତିକ ଦଳର ବର୍ଣ୍ଣନା ଏହିପରି ଭାବରେ କରାଯାଇ ପାରିବ ଯେ, ଏହା ଲୋକଙ୍କର ଗୋଟିଏ ସଂଗଠିତ ଦଳ ଯେଉଁମାନେ କି ରାଜନୀତି ପଦ୍ଧତି ସମ୍ବନ୍ଧରେ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟରଖି ସାଧାରଣ ନୀତିନିୟମରେ ଅଂଶ ଗ୍ରହଣ କରନ୍ତି। ଗୋଟିଏ ରାଜନୈତିକ ଦଳ ସଂବିଧାନ ଅନୁଯାୟୀ ଦଳର ନୀତିନିୟମକୁ କାର୍ଯ୍ୟକାରୀ କରନ୍ତି। ଗୋଟିଏ ରାଜନୈତିକ ଦଳ ସଂବିଧାନ ଅନୁଯାୟୀ ଦଳର ନୀତିନିୟମକୁ ଅଭ୍ୟାସରେ ପରିଣତ କରି ରାଜନୈତିକ ଶକ୍ତିକୁ ଖୋଜନ୍ତି ଏବଂ କାର୍ଯ୍ୟକାରୀ କରନ୍ତି। ଏହା ହେଉଛି ସମଭାବାପନ୍ନ ଲୋକଙ୍କ ସଂଗଠନ ଯାହାର ଜନସାଧାରଣଙ୍କ ପାଇଁ ସମାନ ମନୋଭାବ ରହିଥାଏ। କେତେକ ପ୍ରସିଦ୍ଧ ରାଜନୀତି ବିଜ୍ଞାନୀଙ୍କ ସଂଜ୍ଞା ରାଜନୈତିକ ଦଳ ସମ୍ବନ୍ଧରେ ତଳେ ଦିଆଗଲା।

(i) "An organized group of citizens who profess or share the same political views and who by acting as a political unit, try to control the government".

(ii) ଅନ୍ୟ ସଂଜ୍ଞା ହେଉଛି : " A political party consists of a group of citizens, more or less organized, who act as a political unit and who, by the use of their voting power, aim to control the government and carry out their general policies".

### ୨୧.୧.୩ ଗୁଣାବଳୀ (ଚରିତ୍ରିକତା)

ଉପରେ ଦିଆଯାଇଥିବା ରାଜନୈତିକ ଦଳର ସଂଜ୍ଞାକୁ ଭିତ୍ତିକରି ଆମେ ସେମାନଙ୍କର ପ୍ରଧାନ ଗୁଣାବଳୀକୁ ତଳେ ଚିହ୍ନଟ କରିପାରୁ।

- ଗୋଟିଏ ରାଜନୈତିକଦଳ ହେଉଛି ସୁସଂଗଠିତ ଲୋକମାନଙ୍କର ଦଳ।
- ସଂଗଠିତ ଲୋକଙ୍କ ଦଳର ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥାଏ ଏବଂ ସେମାନେ ସମାନ ନୀତିନିୟମକୁ ଗ୍ରହଣ କରନ୍ତି।

- ଏହାର ସଦସ୍ୟମାନଙ୍କର ସମୂହ ଚେଷ୍ଟାରେ ରାଜନୈତିକ କ୍ଷମତା ଖୋଜିବା ଏହାର କାର୍ଯ୍ୟ ଅଟେ ।
- ନିର୍ବାଚନ ମାଧ୍ୟମରେ ସରକାରଙ୍କ ଉପରେ ସଂଯମ ଆଣିବା ସାଂବିଧାନିକ ।
- ସେମାନଙ୍କ ଦ୍ୱାରା ଘୋଷିତ ନୀତିକୁ ସରକାରଙ୍କ କାର୍ଯ୍ୟରେ ସଂଶ୍ଳିଷ୍ଟ କରିବା ଏହାର ଲକ୍ଷ୍ୟ ।

## ପାଠ ସମ୍ବନ୍ଧୀୟ ପ୍ରଶ୍ନ ୨୧.୧

୧. ତଳେ ଦିଆଯାଇଥିବା ଚାରିଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଉତ୍ତର ଦିଅ : –

(a) ନିମ୍ନଲିଖିତ ମଧ୍ୟରୁ କେଉଁଟି ରାଜନୈତିକ ଦଳର ଗୁଣ ।

(i) ନିଜ ଅଞ୍ଚଳର ଉନ୍ନତି ପାଇଁ ସମବେତ ହୋଇଥିବା ଦଳେ ଲୋକ ।

(ii) ଧାର୍ମିକ ମତବାଦରେ ଅଂଶଗ୍ରହଣ କରୁଥିବା ଦଳେ ଲୋକ

(iii) ଜନସାଧାରଣଙ୍କ ଘଟଣାରେ ଏକା ସମାନ ନିୟମ ଏବଂ ମତକୁ ସମର୍ଥନ କରୁଥିବା ଦଳେ ଲୋକ ।

(iv) ନିର୍ବାଚନ ସଭାରେ ଯୋଗ ଦେଇଥିବା ଦଳେ ଲୋକ ।

(b) ଗଣତନ୍ତ୍ରରେ ଆମେ କାହିଁକି ରାଜନୈତିକ ଦଳ ଦରକାର କରୁ ?

(i) ଆଇନ ତିଆରି କରିବାକୁ ବିଧାୟକଙ୍କୁ ସାହାଯ୍ୟ କରିବା ।

(ii) ପରିଚାଳକଙ୍କୁ ଦେଶ ଶାସନ କରିବାରେ ସାହାଯ୍ୟ କରିବା ।

(iii) ବିଚାର ବିଭାଗକୁ ବିଚାର ଦେବାରେ ସାହାଯ୍ୟ କରିବା ।

(iv) ସରକାର ପରିଚାଳନା କରିବା ପାଇଁ ସେମାନଙ୍କ ପ୍ରତିନିଧି ବାଛିବାକୁ ଲୋକମାନଙ୍କୁ ସାହାଯ୍ୟ କରିବା ।

(c) ନିମ୍ନଲିଖିତ କେଉଁ ଦେଶରେ ଗଣତନ୍ତ୍ର ଶାସନ ପ୍ରଚଳିତ ଅଛି ।

(କ) ଲିବିୟା (ଖ) ଇଣ୍ଡୋନେସିଆ

(ଗ) ଭାରତ (ଘ) ଶ୍ରୀଲଙ୍କା

## ୨୧.୨ ରାଜନୈତିକ ଦଳ : କାର୍ଯ୍ୟ ଏବଂ ଭୂମିକା

ରାଜନୈତିକ ଦଳ ପ୍ରତିନିଧିମୂଳକ ଗଣତନ୍ତ୍ରରେ ସୁଚାରୁ ରୂପରେ କାର୍ଯ୍ୟକରିବା ଗୁରୁତ୍ୱପୂର୍ଣ୍ଣ ଅଟେ । ପ୍ରତ୍ୟେକ ରାଜନୈତିକ କାର୍ଯ୍ୟରେ ରାଜନୈତିକ ଦଳ ଗୁଡିକ ମୁଖ୍ୟ କାର୍ଯ୍ୟ ନିର୍ବାହ କରୁଥିବାର ତୁମେ ଦେଖିଛ । ତୁମେ ଜାଣିଛ କି ଯେତେବେଳେ ଦେଶରେ ନିର୍ବାଚନ ହୁଏ କିଏ ନିର୍ବାଚନ ମଣ୍ଡଳୀ ସମ୍ମୁଖରେ ପ୍ରାର୍ଥୀମାନଙ୍କୁ ଉପସ୍ଥାପନ କରନ୍ତି ? ତୁମେ ଜାଣ କି ନିର୍ବାଚନ ସମୟରେ କେଉଁମାନେ ପ୍ରଚାର କରନ୍ତି ? ତୁମେ କେବେ ହେଲେ ହୃଦୟଙ୍ଗମ କରିଛ କି ସରକାର କିପରି ଗଠନ ହୁଏ ? କିଏ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ରୂପେ ମନୋନୀତ ହୁଅନ୍ତି ? ରାଜନୈତିକ ଦଳର କାର୍ଯ୍ୟ ଏବଂ ଗଣତାନ୍ତ୍ରିକ ପଦ୍ଧତିରେ ସେମାନଙ୍କର ଭୂମିକା ସହିତ ଏ ସମସ୍ତ ପ୍ରଶ୍ନର ଉତ୍ତର ଜଡିତ ଅଟେ । ଆମ୍ଭେମାନେ ରାଜନୈତିକ ଦଳର କେତେକ କାର୍ଯ୍ୟର ବିସ୍ତୃତ ବର୍ଣ୍ଣନା ବିଶେଷକରି ଆମ ଦେଶର ଉଦାହରଣ ଦେଇ ତଳେ କରୁଅଛୁ ।

ଟିପ୍ପଣୀ

- ନିର୍ବାଚନବେଳେ ସେମାନେ ପ୍ରାର୍ଥୀ ଚୟନ କରନ୍ତି।
- ନିର୍ବାଚନରେ ସେମାନଙ୍କ ପ୍ରାର୍ଥୀ ସପକ୍ଷରେ ଭୋଟ ଦେବାକୁ ପ୍ରଚାର କରନ୍ତି।
- ସୋମାନେ ଭୋଟଦାତାଙ୍କ ସମ୍ମୁଖରେ ତାଙ୍କ ଦଳର ନୀତି ଏବଂ ଆଦର୍ଶକୁ ଉପସ୍ଥାପନ କରନ୍ତି।
- ସେମାନେ ନିର୍ବାଚନରେ ଯଦି ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି ତେବେ ସରକାର ଗଠନ କରନ୍ତି।
- ସେମାନେ ନିର୍ବାଚନରେ ଯେତେବେଳେ ସଂଖ୍ୟାଲଘୁ ହୁଅନ୍ତି। ସେତେବେଳେ ବିରୋଧୀ ଦଳ ଗଠନ କରନ୍ତି ଏବଂ ସର୍ବଦା ସରକାରଙ୍କ ଉପରେ ଭଲ ଶାସନ କରିବାକୁ ଚାପ ପକାନ୍ତି।
- ରାଜନୈତିକ ଶିକ୍ଷା ଦେବାପାଇଁ ସେ ଲୋକଙ୍କୁ ସାହାଯ୍ୟ କରନ୍ତି। ସେମାନେ ଜନମତ ସୃଷ୍ଟି କରିବା ସହିତ ତାକୁ ରୂପ ମଧ୍ୟ ଦିଅନ୍ତି।
- ସେ ଲୋକମାନଙ୍କ ଦାବିକୁ ସଂଗ୍ରହ କରି ସରକାରଙ୍କୁ ଜଣାନ୍ତି।
- ସେମାନେ ସରକାରୀ ଅନୁଷ୍ଠାନ ଏବଂ ଲୋକଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରନ୍ତି।
- ଯେଉଁମାନେ କ୍ଷମତାରେ ନଥାଇ ବିରୋଧି ଆସନରେ ଥାନ୍ତି ସେମାନେ ସର୍ବଦା ସରକାରଙ୍କର କାର୍ଯ୍ୟକୁ ତନଖି କରନ୍ତି।

ଭାରତରେ ରାଜନୈତିକ ଦଳଗୁଡ଼ିକ ସମୟାଦିକ୍ରମେ ଦକ୍ଷତାର ସହିତ ଉପର ଲିଖିତ କାର୍ଯ୍ୟଗୁଡ଼ିକୁ ସଂପାଦନ କରିଆସୁଛନ୍ତି। ଗତ ଛଅ ଦଶନ୍ଧି ହେଲା ସେମାନେ ଭାରତରେ ପ୍ରତିନିଧିମୂଳକ ସରକାର ସାଧ ଏବଂ ଦକ୍ଷତାର ସହିତ ତିଆରି କରିଛନ୍ତି। ଗୋଟିଏ ଦିଗରେ ରାଜନୈତିକ ଦଳ ଗୁଡ଼ିକ ନାଗରିକ ଏବଂ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରୁଥିଲା ବେଳେ ଅନ୍ୟ ଦିଗରେ ନିର୍ବାଚନ ମଣ୍ଡଳୀ ଏବଂ ପ୍ରତିନିଧି ମାନଙ୍କ ମଧ୍ୟରେ ଯୋଗସୂତ୍ର ସ୍ଥାପନ କରନ୍ତି। ରାଜନୈତିକ ଦଳ ଗୁଡ଼ିକ ଲୋକମାନଙ୍କ ଦାବିକୁ ପୂରଣ କରିବାକୁ ଚେଷ୍ଟା କରୁଛନ୍ତି। ସାର୍ବଜନୀନ ଦାବିକୁ ପୂର୍ଣ୍ଣକରିବାକୁ ପ୍ରତିଜ୍ଞାବଦ୍ଧ ହେବା ସହିତ ସେମାନଙ୍କର ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏବଂ ରାଜନୈତିକ ଅଂଶଗ୍ରହଣକୁ ବଦଳାଇ ଦେଉଛନ୍ତି। ରାଜନୈତିକ ଦଳ ବ୍ୟତୀତ ନିର୍ବାଚନ ହୋଇପାରିବା ସମ୍ଭବ ନୁହେଁ। ବିନା ନିର୍ବାଚନରେ ପ୍ରତିନିଧିମୂଳକ ସରକାର ଗଠନ ସମ୍ଭବ ନୁହେଁ, ପ୍ରକୃତରେ ଭାରତୀୟ ଗଣତନ୍ତ୍ର ନାଗରିକମାନଙ୍କୁ ସମ୍ମୁଖୀନ ହେବାର ଯୋଗ୍ୟତା ଥିବା ରାଜନୈତିକ ଦଳ ଦରକାର କରେ ଏବଂ ଜନମଙ୍ଗଳ କରିବାପାଇଁ ସେମାନଙ୍କର ଯୋଗ୍ୟତା ଥିବା ଦରକାର କରେ ଏବଂ ନୀତିକୁ ପସନ୍ଦ କରେ ସେମାନଙ୍କ ଯୋଗ୍ୟତାଥିବା ଚିତ୍ର ପ୍ରଦର୍ଶନ କରିବା ଦରକାର କରେ।

ବିଗତ ଛଅ ଦଶନ୍ଧି ମଧ୍ୟରେ ଭାରତରେ ରାଜନୈତିକ ଦଳଗୁଡ଼ିକର କାର୍ଯ୍ୟାନୁଭୂତି ରାଜନୈତିକ ସଚେତନତା ସୃଷ୍ଟି କରି ଜନମତକୁ ପରିଚାଳିତ କରିପାରିଅଛି ଏବଂ ଲୋକମାନଙ୍କୁ ରାଜନୈତିକ ଶିକ୍ଷାପ୍ରଦାନ କରି ପାରିଛି। ଯେଉଁଠାରେ ସେମାନେ ସର୍ବାଧିକ ଜନାଦେଶ ପାଇଥାନ୍ତି ତାହା କେନ୍ଦ୍ର ହେଉ କିମ୍ବା ରାଜ୍ୟ ହେଉ ସେଠାରେ ସେମାନେ ସରକାର ଗଠନ କରିଛନ୍ତି ଏବଂ ନିଜ ଦଳର ଆଦର୍ଶ ଏବଂ କାର୍ଯ୍ୟକ୍ରମକୁ କାମରେ ଲଗାଇପାରିଛନ୍ତି। ସରକାରୀ ଅନୁଷ୍ଠାନ ଏବଂ ସେମାନଙ୍କର କାର୍ଯ୍ୟଧାରାକୁ ପ୍ରକୃତରେ ଗଣତାନ୍ତ୍ରିକ କରିବାକୁ ସେମାନଙ୍କର ଭୂମିକା ରହିଅଛି। ତେଣୁ କରି ଆମ୍ଭେମାନେ କହିପାରିବା ଯେ ଭାରତରେ ଗଣତନ୍ତ୍ର ପ୍ରତିଯୋଗିତା ମୂଳକ ବହୁଦଳୀୟ ବ୍ୟବସ୍ଥା ଦ୍ୱାରା ଅଧିକ ଶକ୍ତିଶାଳୀ ହୋଇପାରିଛି।

## ଅଭ୍ୟାସ ୨୧.୧

ଖବର କାଗଜ ଏବଂ ପତ୍ର ପତ୍ରିକା ପଢ଼ି, ଏବଂ ଅନ୍ୟ ସୂତ୍ରରୁ କିମ୍ବା ସାଙ୍ଗ ମାନଙ୍କ ସହିତ ଆଲୋଚନା କରି ଆମ ରାଜ୍ୟ ସମ୍ବନ୍ଧରେ ନିମ୍ନଲିଖିତ ସମ୍ବାଦ ସଂଗ୍ରହ କର।

- ବର୍ତ୍ତମାନ କେଉଁ ରାଜନୈତିକ ଦଳ/ଦଳମାନେ ସରକାର ଗଠନ କରିଛନ୍ତି ?
- ବିଧାନସଭାରେ ବିରୋଧିଦଳର ନେତା କେଉଁ ରାଜନୈତିକ ଦଳରୁ ଆସିଛନ୍ତି ?

- ଗତନିର୍ବାଚନରେ ପ୍ରାର୍ଥୀ ଦେଇଥିବା ପାଞ୍ଚଗୋଟି ରାଜନୈତିକ ଦଳର ନାମ ଲେଖ ?

ତୁମେ ଉପରୋକ୍ତ ସୂଚନାଗୁଡ଼ିକ ତୁମର ଖବର କାଗଜ, ତୁମର ପିତାମାତା କିମ୍ବା ବନ୍ଧୁଙ୍କ ଠାରୁ ପାଇପାରିବ।

## ୨୧.୩ ଭାରତରେ ରାଜନୈତିକ ଦଳ : ସେମାନଙ୍କର କ୍ରମବିକାଶ

୧୯୬୭ ଠାରୁ ଭାରତରେ ଦଳବ୍ୟବସ୍ଥାରେ ଲଗାତାର ପରିବର୍ତ୍ତନ ହୋଇ ଆସିଅଛି, ଯଦିଓ ୧୯୭୧ ମସିହାରେ କଂଗ୍ରେସ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ତଥାପି ଅନେକ ରାଜ୍ୟରେ ଅନ୍ୟାନ୍ୟ ଦଳଗୁଡ଼ିକ ମିଳିତ ସରକାର ଗଠନ କରିଥିଲେ। ୧୯୭୭ ପରେ ଏହା ଦେଖାଗଲା ଯେ ଭାରତ ଦୁଇ ଦଳୀୟ ବ୍ୟବସ୍ଥା ଆଡ଼କୁ ଗତି କରୁଅଛି। ସେ ଦୁଇଗୋଟି ଦଳ ହେଲା- ଭାରତୀୟ ଜାତୀୟ କଂଗ୍ରେସ ଏବଂ ଜନତା ପାର୍ଟି। କିନ୍ତୁ ଏହା ବହୁତ କମ ସମୟ ପାଇଁ ତିଷ୍ଠିରହି ଥିଲା। ଅନ୍ୟ ଦଳ ଗୁଡ଼ିକର ବିଭାଜନ ହୋଇଥିଲା। ଯେଉଁ ଦଳ ଗୁଡ଼ିକ ବିଭାଜିତ ହୋଇଥିଲେ ସେଗୁଡ଼ିକ ହେଲା କଂଗ୍ରେସ-O, ଜନସଂଘ, ସୋସିଆଲିଷ୍ଟ, ଭାରତୀୟ ଲୋକ ଦଳ ଏବଂ ଗଣତାନ୍ତ୍ରିକ କଂଗ୍ରେସ। ଜନତା ଦଳର ପୁନଃ ବିଭାଜନ ଘଟିଲା। ଏହା ପୁଣି ୧୯୮୦ରେ କେନ୍ଦ୍ରରେ କଂଗ୍ରେସକୁ କ୍ଷମତାକୁ ଆସିବାକୁ ସୁଯୋଗ ଦେଲା ଏବଂ କଂଗ୍ରେସ ୧୯୮୯ ପର୍ଯ୍ୟନ୍ତ କ୍ଷମତାରେ ରହିଲା। ୧୯୮୯ ପରଠାରୁ କଂଗ୍ରେସ ଆଉ କ୍ଷମତାକୁ ଫେରିବାକୁ ସକ୍ଷମ ହୋଇପାରି ନଥିଲା। ୧୯୮୯ ଠାରୁ ଆଗକୁ ଭାରତୀୟ ଦଳୀୟ ବ୍ୟବସ୍ଥା ମିଳିତ ସରକାର ଦେଖି ଆସୁଅଛି। ୧୯୯୯ ଠାରୁ ଦୁଇଗୋଟି ବଡ଼ ମିଳିତ ବ୍ୟବସ୍ଥା ଗଢ଼ି ଉଠିଛି। ଗୋଟିଏ ହେଲା ଜାତୀୟ ଗଣତାନ୍ତ୍ରୀକ ସାମୁଖ୍ୟ(ଏନ୍.ଡି.ଏ.) ଏହା ଭାରତୀୟ ଜନତା ପାର୍ଟି ଦ୍ୱାରା ପରିଚାଳିତ ଏବଂ ଅନ୍ୟଟି ହେଲା ସଂଯୁକ୍ତ ପ୍ରଗତିଶୀଳ ସାମୁଖ୍ୟ (ୟୁ.ପି.ଏ.) ଏହା କଂଗ୍ରେସ ଦ୍ୱାରା ପରିଚାଳିତ। ବର୍ତ୍ତମାନ ଭାରତରେ ଗୋଟିଏ ମିଳିତ ଦଳୀୟ ବ୍ୟବସ୍ଥା ରହିଅଛି। ଯେଉଁଥିରେ କି ବହୁ ସଂଖ୍ୟକ ଦଳ ରାଜନୀତି କ୍ଷେତ୍ରରେ ଅଂଶଗ୍ରହଣ କରୁଛନ୍ତି।

### ପାଠ ସମ୍ବନ୍ଧୀୟ ପ୍ରଶ୍ନ ୨୧.୨

ଚାରିଗୋଟି ପ୍ରଦତ୍ତ ଉତ୍ତର ମଧ୍ୟରୁ କେଉଁ ଗୋଟିକ ଠିକ୍ ଲେଖ।

୧. ନିମ୍ନରେ ଦିଆଯାଇଥିବା ଉକ୍ତି ମଧ୍ୟରୁ କେଉଁ ଗୋଟିକ ଠିକ୍ ଅଟେ।

   କ) ଭାରତରେ ଏକ ଦଳୀୟ ବ୍ୟବସ୍ଥା ରହିଅଛି।

   ଖ) ଭାରତରେ ରାଜନୈତିକ ଦଳ ସ୍ୱାଧୀନତା ପୂର୍ବରୁ ସୃଷ୍ଟି ହୋଇଥିଲା।

   ଗ) ଭାରତରେ ରାଜନୈତିକ ଦଳ ସ୍ୱାଧୀନତା ପରେ ସୃଷ୍ଟି ହେଲା।

   ଘ) ୧୯୮୯ରେ ଲୋକ ସଭାରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କରିନଥିଲା।

୨. ଗଣତାନ୍ତ୍ରିକ ପଦ୍ଧତିରେ ନିମ୍ନ ଲିଖିତ ମଧ୍ୟରୁ କେଉଁ ଗୋଟିକ ରାଜନୈତିକ ଦଳର କାର୍ଯ୍ୟ ନୁହେଁ।

   କ) ରାଜନୈତିକ ଦଳ ଗୁଡ଼ିକ ଶାସନ ପଦ୍ଧତିରେ ପରିବର୍ତ୍ତନ ଆଣିବାକୁ ଗୁପ୍ତ ଭାବରେ କାର୍ଯ୍ୟ କରନ୍ତି।

   ଖ) ସେମାନେ ଜନମତ ଗଠନ କରନ୍ତି।

   ଗ) ସେମାନେ ରାଜନୈତିକ କ୍ଷମତା ହାସଲ କରିବାକୁ ଚେଷ୍ଟା କରନ୍ତି।

ଘ) ବ୍ୟବସ୍ଥାପକ ସଭାରେ ସଂଖ୍ୟା ଗରିଷ୍ଠତା ହାସଲ ନକଲେ ସେମାନେ ବିରୋଧିଦଳ ଗଠନ କରନ୍ତି ।

୩. ଜାତୀୟ ସ୍ତରରେ କେବେ ଠାରୁ ମିଳିତ ମନ୍ତ୍ରୀମଣ୍ଡଳ ରହିଛି ?

(କ) ୧୯୫୨ (ଖ) ୧୯୮୯ (ଗ) ୧୯୭୭ (ଘ) ୧୯୬୭

ଟିପ୍ପଣୀ

## ୨୧.୪ ଭାରତରେ ଦଳ ବ୍ୟବସ୍ଥା : ପ୍ରକୃତି, ପ୍ରକାର, ନୀତି

ତୁମେମାନେ ଅଧ୍ୟୟନ କରିସାରିଛ ଯେ ସ୍ୱାଧୀନତାର ପ୍ରାରମ୍ଭିକ ବର୍ଷମାନଙ୍କର ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ବ୍ୟବସ୍ଥାର ଶୀର୍ଷରେ ଥିଲା । କିନ୍ତୁ ଏହି ଧାରା ସବୁଦିନ ପାଇଁ ଅବ୍ୟାହତ ହୋଇ ରହିନଥିଲା । ଏପରି ସମୟ ଆସିଲା ଯେତେବେଳେ କି କେନ୍ଦ୍ର ଏବଂ ରାଜ୍ୟରେ ଅଣ କଂଗ୍ରେସ ସରକାର ରହିଥିଲା । ସାଧାରଣତଃ ଦେଖିବାକୁ ଗଲେ ଭାରତରେ ପାର୍ଟି ପଦ୍ଧତି ନିର୍ଦ୍ଦିଷ୍ଟ ହୋଇ ରହିନଥିଲା । ଏକ ଦଳୀୟ ବ୍ୟବସ୍ଥା, ଦୁଇଦଳୀୟ ବ୍ୟବସ୍ଥା କିମ୍ବା ବହୁଦଳୀୟ ବ୍ୟବସ୍ଥା ଏଠାରେ ସବୁବେଳେ ନଥିଲା । ୧୯୬୭ ପର୍ଯ୍ୟନ୍ତ ଭାରତରେ ଏକଦଳୀୟ ବ୍ୟବସ୍ଥା ରହିଥିଲା । ବର୍ତ୍ତମାନଠାରୁ ବହୁ ପୂର୍ବ ବର୍ଷ ପର୍ଯ୍ୟନ୍ତ ଏଠାରେ ଏକଦଳୀୟ ବ୍ୟବସ୍ଥାର ଉଚ୍ଛେଦ ଘଟିଥିଲା । ଭାରତରେ ଦୁଇ ଦଳୀୟ ବ୍ୟବସ୍ଥା ନାହିଁ କିନ୍ତୁ ୧୯୭୭ରୁ ୧୯୮୦ ପର୍ଯ୍ୟନ୍ତ ଏହା ବହୁତ କମ ସମୟ ପାଇଁ ତିଷ୍ଠି ରହିଥିଲା । ଏଠାରେ ଅଳ୍ପ ହେଉ କିମ୍ବା ବହୁତ ହେଉ ବହୁଦଳୀୟ ବ୍ୟବସ୍ଥା ରହିଅଛି । କାରଣ ଜାତୀୟ ରାଜନୈତିକ ଦଳ କେନ୍ଦ୍ର ଏବଂ କେତେକ ରାଜ୍ୟରେ କ୍ଷମତାରେ ରହିବା ପାଇଁ ଆଞ୍ଚଳିକ ଦଳ ଗୁଡ଼ିକର ସମର୍ଥନ ଉପରେ ନିର୍ଭର କରୁଛନ୍ତି । ଏକକ ସଂଖ୍ୟା ଗରିଷ୍ଠ ଦଳ ସରକାର ଗଢ଼ିବା କଷ୍ଟସାଧ ହେଉଥିବାରୁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ସହିତ ମିଶି ମିଳିତ ସରକାର ଗଠନ କରୁଛନ୍ତି ।

### ୨୧.୪.୧ ଭାରତୀୟ ପାର୍ଟି ପଦ୍ଧତିର ମୂଖ୍ୟ ପ୍ରକୃତି ( ଗଠନ)

ଉପର ବର୍ଣ୍ଣନାକୁ ଭିତ୍ତିକରି ଭାରତରେ ରାଜନୈତିକ ଦଳ ଗୁଡିକର ନିମ୍ନଲିଖିତ ଗୁଣାବଳୀ ଦର୍ଶାଯାଇଅଛି ?

- କେନ୍ଦ୍ର ଏବଂ ରାଜ୍ୟମାନଙ୍କର କ୍ଷମତା ହାସଲ ପାଇଁ ରାଜନୈତିକ ଦଳ ଗୁଡିକ ମିଳତ ହୋଇଛନ୍ତି ।
- ରାଜନୈତିକ ଦଳଗୁଡିକ ନେତୃତ୍ୱ ପରାୟଣନହୋଇ ପ୍ରତିଯୋଗୀ ପରାୟଣ ହୋଇଥାନ୍ତି । ବହୁ ସମୟରେ ଅମେଦେଖୁ ଯେ, ଗୋଟିଏ ରାଜନୈତିକ ଦଳ ଜାତୀୟଦଳ ସହିତ ମିଶି କାର୍ଯ୍ୟ କରୁଥାଏ କିନ୍ତୁ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ତ୍ୟାଗକରି ଅନ୍ୟଦଳ ସହିତ ମିଶିଥାଏ ।
- କେନ୍ଦ୍ରରେ ସରକାର ଗଠନରେ ଆଞ୍ଚଳିକ ଦଳଗୁଡିକ ମୂଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ବର୍ତ୍ତମାନ ସେମାନଙ୍କର ଜାତୀୟ କାର୍ଯ୍ୟସୂଚୀ ରହିଅଛି । କେନ୍ଦ୍ରରେ ଏହି ରାଜନୈତିକ ଦଳଗୁଡିକ ଗୋଟିଏ ଜାତୀୟ ଦଳକୁ ସମର୍ଥନ କରନ୍ତି । ତାହା ବଦଳରେ ସେମାନଙ୍କ ପ୍ରତିନିଧି ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇ ପାରିବେ ଏବଂ ତାଙ୍କ ରାଜ୍ୟ ଆର୍ଥିକ ଅନୁଦାନ ପାଇ ପାରିବ ।
- ଆମ ପାର୍ଟି ପଦ୍ଧତିରେ ମିଳିତ ରାଜନୀତିର ଗୋଟିଏ ଗଠନ ପଦ୍ଧତି ରହିଅଛି, କେତେକ ରାଜ୍ୟକୁ ଛାଡିଦେଲେ ଅନ୍ୟ ରାଜ୍ୟଗୁଡିକରେ କେଉଁଠାରେ ହେଲେ ବି ଏକ ଦଳୀୟ ଶାସନ ବ୍ୟବସ୍ଥା ନାହିଁ । ତୁମେ ଚତୁର୍ଦ୍ଦିଗରେ ଦେଖିପାରିବ ଯେ କେଉଁଠାରେ ହେଲେ ଗୋଟିଏ ସ୍ଥାୟୀ ରାଜନୈତିକ ଦଳ ଶାସନ କରୁନାହାନ୍ତି କି ସ୍ଥାୟୀ ବିରୋଧି ଦଳ ନାହାନ୍ତି ।

- ମିଳିତ ମନ୍ତ୍ରୀମଣ୍ଡଳ ଗଠନ ହେବାଯୋଗୁଁ ରାଜନୈତିକ ଦଳର ଆଦର୍ଶ ପଛରେ ପଡି ଯାଇଅଛି। ଅତିକମ ସାଧାରଣ କାର୍ଯ୍ୟକ୍ରମ ଦ୍ୱାରା ଶାସନ ପଛରେ ପଡି ଯାଇଅଛି। ଅତିକମ୍ ସଧାରଣ କାର୍ଯ୍ୟକ୍ରମ ଦ୍ୱାରା ଶାସନ ପରିଚାଳିତ ହେଉଅଛି। ଶାସନ ପରିଚାଳନାରେ ଏହାଦ୍ୱାରା ସ୍ଥାଣୁତ୍ୱ ଆସି ଯାଇଅଛି। ଆମ୍ଭେମାନେ ଦେଖିଅଛୁ ଯେ ୨୦୦୪ ମସିହାରେ ଭାରତୀୟ କମ୍ୟୁନିଷ୍ଟଦଳ UPA ସରକାରଙ୍କୁ ସମର୍ଥନ ଦେଇଥିଲା କିନ୍ତୁ ସରକାରରେ ଯୋଗ ଦେଇନଥିଲା; ୧୯୯୯ରେ ତେଲୁଗୁ ଦେଶମ ଦଳ ଏନ୍.ଡି.ଏ. କୁ ସମର୍ଥନ ଦେଇଥିଲା କିନ୍ତୁ ମନ୍ତ୍ରୀ ମଣ୍ଡଳ ଗଠନରେ ନଥିଲା।
- ଭାରତରେ ବର୍ତ୍ତମାନ ପ୍ରଚଳିତ ଦଳ ବ୍ୟବସ୍ଥା ଦୁଇଗୋଟି ପରିବର୍ତ୍ତନ ଦେଖି ଆସିଛି, ଗୋଟିଏ ହେଲା ଭାରତୀୟ ଜନତା ଦଳକୁ ସମର୍ଥନ କରୁଥିବା ଦଳ ଏବଂ ଦ୍ୱିତୀୟଟି ହେଲା କଂଗ୍ରେସକୁ ସମର୍ଥନ ଦେଉଥିବା ଦଳ।
- ବର୍ତ୍ତମାନ ଦେଶରେ ନିର୍ବାଚନ ଯୁଦ୍ଧ ଗୋଟିଏ ଦଳର ଅନ୍ୟଦଳ ସହିତ ନହୋଇ, ମିଳିତ ଦଳର ମିଳିତ ଦଳ ସହିତ ହେଉଅଛି।
- ରାଜନୈତିକ ଦଳଗୁଡ଼ିକ ଭୋଟ ଜିଣିବା ପାଇଁ କୌଣସି ଗୋଟିଏ ଉତ୍ତେଜନା ପୂର୍ଣ୍ଣ ବିଷୟ ଉପରେ ଗୁରୁତ୍ୱ ଦେଉଛନ୍ତି। ନିର୍ବାଚନ ପୂର୍ବରୁ କରାଯାଉଥିବା ପ୍ରଚାର ମଧ୍ୟରେ ୧୯୭୦ର 'ଗରିବି ହଟାଓ', ୧୯୮୦ର 'ଇନ୍ଦିରା ହେଉଛନ୍ତି ଭାରତ'। ୧୯୯୯ର ବି.ଜେ.ପିର 'ଭାରତ ଦିଦୀପ୍ତ', ୨୦୦୯ର 'ଆମ୍ ଆଦମୀ'।
- ବର୍ତ୍ତମାନ ରାଜନୈତିକ ଦଳ ଗୁଡ଼ିକ ଦୀର୍ଘାୟୁ ସାମାଜିକ କ୍ୱାଲିନେସନ ନଚାହିଁ ସ୍ୱଳ୍ପକାଳୀନ ରାଜନୈତିକ ଲାଭ ଚାହୁଁଛନ୍ତି।

## କାର୍ଯ୍ୟାବଳୀ ୨୧.୨

ସମ୍ବାଦପତ୍ର ପଢ଼ି କିମ୍ବା ଆଲୋଚନା କରି ଜାଣିବାକୁ ଚେଷ୍ଟାକର।

କ) ତୁମ ଅଞ୍ଚଳର କେଉଁ ରାଜନୈତିକ ଦଳ କେନ୍ଦ୍ରରେ କେତେବେଳେ ସରକାର ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ?

ଖ) କେଉଁ ରାଜନୈତିକ / ମିଳିତ ଦଳ କେବେ କେନ୍ଦ୍ରରେ ଶାସିତ ଦଳର ସ୍ଥିତି (ଷ୍ଟାଟସ୍) ଭୋଗ କରିଥିଲେ ?

ଗ) ତୁମ ରାଜ୍ୟରେ କେଉଁ ଗୁଡ଼ିକ ମୁଖ୍ୟ ଆଞ୍ଚଳିକ ଦଳ ଅଟନ୍ତି ? ସେମାନେ କେବେ ଶାସନ କ୍ଷମତାକୁ ହାସଲ କରିଥିଲେ ?

## ୨୧.୫ ଭାରତୀୟ ରାଜନୈତିକ ଦଳ : ପ୍ରକାର

ନିର୍ବାଚନ ଆୟୋଗ ଦ୍ୱାରା ଭାରତୀୟ ରାଜନୈତିକ ଦଳକୁ ନିର୍ବାଚନ ସଙ୍କେତ ସହିତ ବିଭକ୍ତ କରାଯାଇ ଅଛି। ଆୟୋଗ ଦଳଗୁଡ଼ିକୁ ତିନିଗୋଟି ମୁଖ୍ୟ ଶ୍ରେଣୀରେ ବିଭକ୍ତ କରି ଅଛନ୍ତି। ସେଗୁଡ଼ିକ ହେଲା (କ) ଜାତୀୟ ଦଳ, (ଖ) ଆଞ୍ଚଳିକ ଦଳ, (ଗ) ପଞ୍ଜୀକୃତ (ଅଣ ସ୍ୱୀକୃତି ପ୍ରାପ୍ତ) ଦଳ।

ନିର୍ବାଚନ ଆୟୋଗ ରାଜନୈତିକ ଦଳଗୁଡ଼ିକୁ ତିନିଗୋଟି ପରିପ୍ରେକ୍ଷିରେ ଜାତୀୟ ଦଳରୂପେ ସ୍ୱୀକୃତି ପ୍ରଦାନ କରିଛନ୍ତି।

୧. ଏହା ଚାରି କିମ୍ବା ତତ୍‌ଉର୍ଦ୍ଧ୍ୱ ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ହୋଇଥିବା ଉଚିତ୍।

୨. ଗତ ଲୋକସଭା ନିର୍ବାଚନରେ ଏହା ଚାରିପ୍ରତିଶତ ଆସନ ଅଧିକାର କରିଥିବ କିମ୍ବା ରାଜ୍ୟ ବିଧାନ ସଭା ନିର୍ବାଚନରେ ୩.୩୩% ପ୍ରତିଶତ ଆସନ ଅଧିକାର କରିଥିବ।

୩. ସମସ୍ତ ପ୍ରାର୍ଥୀ ସମୁଦାୟ ମୂଲ୍ୟଯୁକ୍ତ ଭୋଟରେ ୬% ଭୋଟ ପାଇଥିବା ଉଚିତ।

**(୧) ଜାତୀୟ ରାଜନୈତିକ ଦଳ :** ଜାତୀୟ ରାଜନୈତିକ ଦଳର ପ୍ରଭାବ ସାରା ଦେଶଉପରେ ପଡିଥାଏ। ନିର୍ବାଚନ ଆୟୋଗ ରାଜନୈତିକ ଦଳକୁ ଜାତୀୟ ରାଜନୈତିକ ଦଳର (Status) କ୍ଷମତା ଓ ସଙ୍କେତ ପ୍ରଦାନ କରିଥାନ୍ତି। ୨୦୦୯ ମସିହାରେ ସ୍ୱୀକୃତିପ୍ରାପ୍ତ (recognized) ଜାତୀୟ ରାଜନୈତିକ ଦଳ ଥିଲେ- ଭାରତୀୟ ଜାତୀୟ କଂଗ୍ରେସ (INC), The Nationlist Congress Party ( NCP), (ଭାରତୀୟ ଜନତା ପାର୍ଟି (B.J.P.), ଭାରତୀୟ କମ୍ୟୁନିଷ୍ଟ ଦଳ(CPI) ଭାରତୀୟ କମ୍ୟୁନିଷ୍ଟ ଦଳ ମାର୍କସିଷ୍ଟ (CPI-M) ଏବଂ ବହୁଜନସମାଜ ପାର୍ଟି (BSP)।

**(୨) ଆଞ୍ଚଳିକ ରାଜନୈତିକ ଦଳ :** ନିର୍ବାଚନ ଆୟୋଗ ଦ୍ୱାରା ସ୍ୱୀକୃତିଲାଭ ରାଜନୈତିକ ଦଳ ଯେଉଁମାନେ କି ରାଜ୍ୟ ମଧ୍ୟରେ ନିର୍ଦ୍ଦିଷ୍ଟ ପରିମାଣରେ ଭୋଟପାଇ ସ୍ଥାନ ଅଧିକାର କରିଥାନ୍ତି ତାଙ୍କୁ ଆଞ୍ଚଳିକ ରାଜନୈତିକ ଦଳ କୁହାଯାଏ। ନିର୍ବାଚନ ଆୟୋଗ ରାଜନୈତିକ ଦଳକୁ ଏବଂ ଯେଉଁମାନେ ନିର୍ବାଚନରେ ପ୍ରାର୍ଥୀ ହୋଇଥାନ୍ତି ସେମାନଙ୍କୁ ନିର୍ବାଚନ ସଂକେତ ମଂଜୁର କରିଥାନ୍ତି। ଦେଶରେ ଆଞ୍ଚଳିକ ରାଜନୈତିକ ଦଳର ସଂଖ୍ୟା ସୁଦୀର୍ଘ ଅଟେ। ଭାରତର କେତେ ଗୁଡିଏ ଆଞ୍ଚଳିକ ରାଜନୈତିକ ଦଳ ହେଲେ : ଫରଓ୍ୱାର୍ଡ ବ୍ଲକ (ପଶ୍ଚିମବଙ୍ଗ), A.I.D.M.K ଏବଂ DMK (ତାମିଲନାଡୁ ଏବଂ ପଣ୍ଡିଚେରୀ), ଜାତୀୟ କନଫରେନ୍‌ସ (ଜାମ୍ମୁ ଏବଂ କାଶ୍ମୀର), ରାଷ୍ଟ୍ରିୟ ଜନତା ଦଳ (ବିହାର), ସମାଜବାଦୀପାର୍ଟି(ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ), ଶିରୋମଣି ଅକାଳୀ ଦଳ (ପଞ୍ଜାବ), ଶିବସେନା(ମହାରାଷ୍ଟ୍ର), ତେଲଗୁ ଦେଶମ୍ (ଆନ୍ଧ୍ରପ୍ରଦେଶ)। ତୁମ ରାଜ୍ୟରେ ଥିବା ଆଞ୍ଚଳିକ ରାଜନୈତିକ ଦଳକୁ ତୁମେ ଜାଣିଛ କି ?

### ଅଭ୍ୟାସ ୨୧.୩

ନିମ୍ନ ଲିଖିତ ରାଜ୍ୟରେ କେଉଁ ରାଜନୈତିକ ଦଳ ଗୁଡ଼ିକ ସରକାର ଗଠନ କରିଥିଲେ।

- ଦିଲ୍ଲୀ
- ମଧ୍ୟପ୍ରଦେଶ
- ରାଜସ୍ଥାନ
- ଛତିଶ୍‌ଗଡ଼

## ୨୧.୫ ଭାରତୀୟ ରାଜନୈତିକ ଦଳ ଏବଂ ସେମାନଙ୍କର ନୀତି ଓ ଆଦର୍ଶ

ଆମେ ଦେଖିଲେ ଯେ, ଜାତୀୟ ସ୍ତରରେ ଏବଂ ରାଜ୍ୟସ୍ତରରେ ଅନେକ ରାଜନୈତିକ ଦଳ ଅଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳ ଦଳର ନୀତି ଏବଂ କାର୍ଯ୍ୟକ୍ରମକୁ ଭୋଟରଙ୍କ ନିକଟରେ ପହଞ୍ଚାଇ ଥାନ୍ତି। ସେଗୁଡ଼ିକୁ ସାଧାରଣ ଭାବରେ ଗୋଟିଏ (document) ଦଲିଲରେ ଲିପିବଦ୍ଧ କରାଯାଇଥାଏ। ତାହାକୁ ଦଳର ଆଦର୍ଶ (manifesto) ବୋଲି କୁହାଯାଏ। ତୁମେ ଜାଣିଥାଇପାର ଯେ, ନିର୍ବାଚନ ସମୟରେ ଦଳର ଆଦର୍ଶ ଗୁଡ଼ିକୁ ପ୍ରକାଶ କରାଯାଇଥାଏ। ନିମ୍ନଲିଖିତ ରାଜନୈତିକ ଦଳର ମୂଖ୍ୟ ନୀତି ଗୁଡ଼ିକୁ ଆମେ ଆଲୋଚନା କରିପାରିବା।

**କ) ୧. ଭାରତୀୟ ଜାତୀୟ କଂଗ୍ରେସ:** ଭାରତୀୟ ଜାତୀୟ କଂଗ୍ରେସ ୧୮୮୫ ମସିହାରେ ବମ୍ବେଠାରେ ସ୍ଥାପିତ ହୋଇଥିଲା। ଭାରତ ସ୍ୱାଧୀନତା ସଂଗ୍ରାମରେ ଜାତୀୟ କଂଗ୍ରେସ ନେତୃତ୍ୱ ନେଇଥିଲା। ସ୍ୱାଧୀନତା ପରେ କଂଗ୍ରେସ ଗୋଟିଏ ରାଜନୈତିକ ଦଳର ରୂପନେଲା ଏବଂ କେନ୍ଦ୍ର ଏବଂ ଅଧିକାଂଶ ରାଜ୍ୟରେ ୧୯୬୭ ପର୍ଯ୍ୟନ୍ତ ଶାସନ କଲା। ଭାରତୀୟ ରାଜନୈତିକ ଇତିହାସରେ ପ୍ରଥମ ଦୁଇ ଦଶନ୍ଧି ପର୍ଯ୍ୟନ୍ତ କଂଗ୍ରେସ ପ୍ରତିନିଧିତ୍ୱ କରିଥିଲା, ଏହି ସମୟକୁ 'କଂଗ୍ରେସ ପଦ୍ଧତି' ବୋଲି କୁହାଯାଉଥିଲା। କଂଗ୍ରେସର ନେତୃତ୍ୱ ଧୀରେ ଧୀରେ କମିବାକୁ ଲାଗିଲା ବର୍ତ୍ତମାନ କେନ୍ଦ୍ରରେ କ୍ଷମତା ହାସଲ କରିବାକୁ ସେ ଅନ୍ୟ ରାଜନୈତିକ ଦଳ ସହ ଭାଗିଦାରୀ କରୁଅଛି। କଂଗ୍ରେସ ଦଳ ଗଣତନ୍ତ୍ର, ଧର୍ମନିରପେକ୍ଷତା ଏବଂ ସମାଜବାଦକୁ ସ୍ୱୀକୃତି ପ୍ରଦାନ କରିଅଛି। ଏହା ଗୋଟିଏ କେନ୍ଦ୍ରୀୟ ରାଜନୈତିକ ଦଳ ହୋଇଥିଲେ ମଧ୍ୟ ଘରୋଇକରଣ, ଉଦାରୀକରଣ ଏବଂ ଜଗତିକରଣକୁ ଅନୁମତି ପ୍ରଦାନ କରିଅଛି। ଆହୁରି ମଧ୍ୟ ଏହା ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କ ପାଇଁ କାମକରେ। ଏହା କୃଷିଭିତ୍ତିକ ଅର୍ଥନୀତି ସପକ୍ଷରେ ଏବଂ ଶିଳ୍ପାୟନ ସପକ୍ଷରେ ଯୁକ୍ତିବାଢ଼େ। ସ୍ଥାନୀୟ ସ୍ତରରେ ତୃଣମୂଳ ଅନୁଷ୍ଠାନକୁ ସୁଦୃଢ଼ କରିବାକୁ କଂଗ୍ରେସ ଦଳ ଚାହେ। ଆନ୍ତର୍ଜାତିକ ସ୍ତରରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଏହା ଦାବିକରେ, ବିଶେଷକରି ଯୁକ୍ତରାଷ୍ଟ୍ରରେ।

**୨. ଭାରତୀୟ ଜନତା ପାର୍ଟି :** ସେତେବେଳର ଜନତା ପାର୍ଟିରୁ ଅଲଗା ହୋଇ ୧୯୮୦ ମସିହାରେ ଭାରତୀୟ ଜନତାପାର୍ଟି ସ୍ଥାପିତ ହେଲା। ଭାରତୀୟ ଜନତାପାର୍ଟି କେନ୍ଦ୍ର ଏବଂ କେତେକ ରାଜ୍ୟରେ Important ରାଜନୈତିକ ଦଳ ଅଟେ। ଭାରତୀୟ ଜନତାପାର୍ଟି ନିମ୍ନଲିଖିତ ବିଷୟ ପାଇଁ ଦଣ୍ଡାୟମାନ। (କ) ଜାତୀୟତାବାଦ ଏବଂ ସଂହତି (ଖ) ଗଣତନ୍ତ୍ର (ଗ) ଜାତିଆଣ ଭାବର ସପକ୍ଷରେ (ଘ) ଗାନ୍ଧି ସମାଜବାଦ ଏବଂ (ଙ) ମୂଲ୍ୟଭିତ୍ତିକ ରାଜନୀତି। ବର୍ତ୍ତମାନ କଂଗ୍ରେସ ପରି ଭାରତୀୟ ଜନତାପାର୍ଟି କେନ୍ଦ୍ରୀୟ ଦଳ ହୋଇଅଛି। ଅନ୍ୟ ଯେଉଁ ରାଜ୍ୟରେ ଏହି ଦଳ (Support) ସମର୍ଥନ ଲାଭ କରିଅଛି। ସେ ରାଜ୍ୟଗୁଡ଼ିକ ହେଲା ବିହାର, ଛତିଶଗଡ, ମଧ୍ୟପ୍ରଦେଶ, ଗୁଜୁରାଟ, କର୍ଣ୍ଣାଟକ ଏବଂ ଉତ୍ତରାଖଣ୍ଡ। ଏହି ଦଳ ଭାରତର ଦକ୍ଷିଣାଞ୍ଚଳରେ ପ୍ରସାର ଲାଭ କରିବାକୁ ଚେଷ୍ଟା କରୁଅଛି ଏବଂଉତ୍ତରପୂର୍ବ ଭାରତରେ ମଧ୍ୟ।

**୩. କମ୍ୟୁନିଷ୍ଟ ପାର୍ଟି :** ଭାରତରେ ମୁଖ୍ୟ କମ୍ୟୁନିଷ୍ଟ ଦଳ ଗୁଡ଼ିକ ହେଲା Communist Party of India ( CPI) ଏହା ୧୯୨୫ ମସିହାରେ କାନପୁରରେ ସ୍ଥାପିତ ହୋଇଥିଲା ଏବଂ (Communist party of Inida Markist (CPIM)) ୧୯୬୪ ମସିହାରେ କମ୍ୟୁନିଷ୍ଟ ପାର୍ଟିରେ ବିଭାଜନ ହୋଇ ଏହା ସୃଷ୍ଟି ହୋଇଥିଲା। ସମୟ ଅତିକ୍ରମରେ CPIM, CPM ଠାରୁ ଅଧିକ ଶକ୍ତିଶାଳୀ ହେଲା। CPI-M, ଏବଂ (CPI) ପଶ୍ଚିମବଙ୍ଗ, କେରଳ ଏବଂ ତ୍ରିପୁରାରେ ବହୁତ ବର୍ଷଧରି ଶାସନ କ୍ଷମତା କବଳିତ କରିଥିଲା। କମ୍ୟୁନିଷ୍ଟ ପାର୍ଟି ଶ୍ରମିକ ଏବଂ କୃଷକମାନଙ୍କର ପାର୍ଟି ଅଟେ। ମାର୍କ୍ସବାଦ ଏବଂ ଲେଲିନବାଦ ଉପରେ ଆଧାରିତ କମ୍ୟୁନିଷ୍ଟ ପାର୍ଟି, ସମାଜବାଦ, ଶିଳ୍ପର ସାମାଜିକ କରଣ, ଭୂସମ୍ପତ୍ତିର ପୁର୍ନଗଠନ, ଗ୍ରାମାଞ୍ଚଳର ଉନ୍ନତି ସାଧନ ଏବଂ ଆତ୍ମ କେନ୍ଦ୍ରୀକ ଅର୍ଥନୀତି (Self-reliant ecomany) ପାଇଁ ଦଣ୍ଡାୟମାନ ହୋଇଅଛି। ଏମାନେ ପୁଞ୍ଜିବାଦ, ସାମ୍ରାଜ୍ୟବାଦ ଏବଂ ଜଗତୀକରଣକୁ ବିରୋଧ କରନ୍ତି।

**୪. ବହୁଜନ ସମାଜଦଳ :** ୧୯୮୪ମସିହାରେ ବହୁଜନ ସମାଜଦଳ କାନ୍‌ସିରାମଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ଭାରତୀୟ ସମାଜରେ ବଞ୍ଚିତ ଶ୍ରେଣୀର ଲୋକଙ୍କ ଦଳବୋଲି ବହୁଜନ ସମାଜ ପାର୍ଟି (BSP) ଦାବି କରୁଅଛି। ବିଶେଷକରି ଗରିବ, ଭୂମିହୀନ, ବେକାର ଏବଂ ଦଳିତ ଯେଉଁମାନଙ୍କର ସଂଖ୍ୟା କି ଭାରତ ମୋଟ୍ ଜନସଂଖ୍ୟାର ଅର୍ଦ୍ଧାଧିକ ଭାଗ ଅଟେ ଏହା ସେହିମାନଙ୍କର ଦଳ ଅଟେ। ଏହିମାନେ ସାହୁ ମହାରାଜ, ଜୋତିବା ଫୁଲେ, ରାମସ୍ୱାମୀ ନାଇକର ଏବଂ Dr. B.R. Ambedkar ଙ୍କ ଶିକ୍ଷାରୁ ପ୍ରେରଣା ପାଆନ୍ତି। କାଂଶିରାମ (BSP) କୁ ନେତୃତ୍ୱ ଦେଇଥିଲେ। ବର୍ତ୍ତମାନ ମାୟାବତୀ ଦଳକୁ ଆଗେଇ ନେଇଛନ୍ତି। BSP 'ସର୍ବଜନ ହିତାୟ' 'ସର୍ବଜନ ସୁଖାୟ' ନୀତି ଅନୁସାରେ କାର୍ଯ୍ୟ

କରେ। (ସମସ୍ତଙ୍କ ପାଇଁ ମଙ୍ଗଳ ଓ ସୁଖ ପାଇଁ)। ଏହା ଦୁଇଗୋଟି ଟର୍ମ ପାଇଁ ଉତ୍ତର ପ୍ରଦେଶରେ ସରକାର ଗଠନ କରିଥିଲା। ଥରେ ବିଜେପି ସହିତ ମିଶି ଆଉଥରେ ଏକାକୀ।

**୫. ନେସନାଲିଷ୍ଟ କଂଗ୍ରେସ ଦଳ:** ଜାତୀୟ କଂଗ୍ରେସ ଦଳ ବିଭାଜିତ ହୋଇ ନେସ୍‌ନାଲିଷ୍ଟ କଂଗ୍ରେସ ଦଳ ସୃଷ୍ଟି ହୋଇ ଅଛି। ୧୯୯୯ ମସିହାରେ ଯେଉଁମାନେ ଏହି ଦଳ ଗଠନ କରିଥିଲେ ସେମାନେ ହେଲେ ଶରଦ୍ ପାୱାର, ପି.ଏ. ସାଙ୍ଗମା ଏବଂ ତାରିକ ଅନଓ୍ୱର। ଏହି ଦଳର ନୀତି ନିୟମ ପ୍ରାୟ କଂଗ୍ରେସ ସହି ତାଳ ଖାଉଛି। ଏହି ଦଳକୁ ମହାରାଷ୍ଟ୍ରରେ ଅଧିକ ସମର୍ଥନ ମିଳୁଅଛି। ଏହା ୨୦୦୪ରୁ ୟୁ.ପି.ଏ. ର ସହେଯୋଗୀ ଦଳ ହୋଇ ରହିଅଛି।

**୬. ରାଷ୍ଟ୍ରୀୟ ଜନତା ଦଳ:** ୧୯୯୭ ମସିହାରେ ଜନତାଦଳ ବିଛିନ୍ନ ହେଲା ପରେ ରାଷ୍ଟ୍ରୀୟ ଜନତା ଦଳ ସୃଷ୍ଟି ହୋଇଅଛି। ଲାଲୁ ପ୍ରସାଦ ଯାଦବଙ୍କ ଦ୍ୱାରା ଏହି ଦଳ ଗଠନ କରାଯାଇଅଛି। ଏହି ଦଳ ପଛୁଆ ବର୍ଗର ଏବଂ ସଂଖ୍ୟାନ୍ୟୁନ୍ ଥିବା ସମ୍ପ୍ରଦାୟର ଲୋକ ମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ଏବଂ ସାମାଜିକ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟ କରୁଅଛି। ଏହା ଏକ ଦଶନ୍ଧି ହେଲା ବିହାରରେ କ୍ଷମତାରେ ରହିଆସିଅଛି। ଏହା ମଧ୍ୟ ୨୦୦୪ରୁ ୟୁ.ପି.ଏ. ସହଯୋଗୀ ଦଳରୂପେ କାର୍ଯ୍ୟ କରୁଅଛି।

**ଖ. ଆଞ୍ଚଳିକ ରାଜନୈତିକ ଦଳ:** ଆଞ୍ଚଳିକ ଦଳ ଗୁଡିକ ସେହି ଅଞ୍ଚଳର ଉନ୍ନତିକରଣ ପାଇଁ ଗଠନ କରାଯାଇଅଛି। ସେମାନଙ୍କ ମଧ୍ୟରୁ କେତେକ ସ୍ୱାୟତ ଶାସନ ପାଇଁ ସମୟାଦିକ୍ରମେ ଯୁକ୍ତି ବାଢୁଛନ୍ତି। ଆଞ୍ଚଳିକ ରାଜନୈତିକ ଦଳମାନେ ନିଜ ନିଜ ରାଜ୍ୟରେ ଏତେ ପ୍ରସିଦ୍ଧ ହୋଇଛନ୍ତି, ଯେ ସେମାନେ ରାଜ୍ୟ ରାଜନୀତିରେ ନେତୃତ୍ୱ ନେବାକୁ ଆରମ୍ଭ କରି ଦେଇଛନ୍ତି। ସେମାନେ ନିଜ ନିଜ ରାଜ୍ୟରେ କ୍ଷମତାକୁ କବଳିତ କରିଛନ୍ତି। ସେମାନଙ୍କର ଘୋଷିତ ରାଜନୈତିକ ସ୍ଥାନ ଜାତୀୟ ରାଜନୈତିକ ଦଳକୁ କେନ୍ଦ୍ରରେ ମିଳିତ ସରକାର ଗଠନରେ ସାହାଯ୍ୟ କରୁଅଛି। ଆଞ୍ଚଳିକ ରାଜନୈତିକ ଦଳଯୋଗୁଁ ଆମର party system ସଂଘୀୟ ହୋଇ ପାରିଛି। ବର୍ତ୍ତମାନର ଆଞ୍ଚଳିକ ରାଜନୈତିକ ଦଳଗୁଡିକ ଜାତୀୟ ଏକତାକୁ କେବେହେଲେ ଡରାଣ ଦିଅନ୍ତି ନାହିଁ କିମ୍ବା ନିଜ ନିଜ ରାଜ୍ୟ ପାଇଁ ସ୍ୱାୟତଶାସନ ଖୋଜନ୍ତି ନାହିଁ। କେନ୍ଦ୍ର ସେମାନଙ୍କ ସମସ୍ୟାକୁ ସମାଧାନ କରିବା ଆରମ୍ଭ କରିଛି ଏବଂ ସେମାନଙ୍କ ଉଚ୍ଚଅଭିଳାଷକୁ ପୂରଣ କରିବାକୁ ଲାଗିଛି। ବିଭିନ୍ନ ରାଜନୈତିକ ଦଳଗୁଡିକ ଆମର party systemରେ ଏକତ୍ରିତ ହୋଇ ସଂଘୀୟ ସରକାରକୁ ସମ୍ମିଳିତଭାବେ କାର୍ଯ୍ୟ କରିବାକୁ ବଳପ୍ରଦାନ କରିବେ।

**ଗ. ପଞ୍ଜୀକୃତ (ଅଣସ୍ୱୀକୃତି ପ୍ରାପ୍ତ) ଦଳ:** ନିର୍ବାଚନ ଆୟୋଗ ନିକଟରେ ବହୁସଂଖ୍ୟକ ରାଜନୈତିକ ଦଳ ପଞ୍ଜିକୃତ ହୋଇଛନ୍ତି। ସେମାନେ ଜାତୀୟ କିମ୍ବା ରାଜ୍ୟ ରାଜନୈତିକ ଦଳ ରୂପେ ସ୍ୱୀକୃତି ପ୍ରାପ୍ତ ହୋଇ ନାହାନ୍ତି।

ତୁମେ ଜାଣି ଆଶ୍ଚର୍ଯ୍ୟ ହେବଯେ ୨୦୦୯ରେ ୩୬୩ଟି ଦଳ ନିର୍ବାଚନରେ ପ୍ରତିଯୋଗୀତା କରିଥିଲେ। କେତେକ ସ୍ୱାଧୀନ ଦଳ ମଧ୍ୟ ନିର୍ବାଚନ କ୍ଷେତ୍ରରେ ରହିଥିଲେ। ୨୦୦୯ରେ ରାଜନୈତିକ ଦଳଗୁଡ଼ିକୁ ନିମ୍ନଲିଖିତ ପ୍ରକାରରେ ବିଭକ୍ତ କରାଯାଇଥିଲା।

- ଜାତୀୟ ଦଳ ୭ଗୋଟି ଥିଲେ( କଂଗ୍ରେସ, ବିଜେପି, ସିପିଏମ୍, ସିପିଆଇ, ବିଏସ୍‌ପି, ନେସ୍‌ନାଲିଷ୍ଟ କଂଗ୍ରେସ ଦଳ ଏବଂ ରାଷ୍ଟ୍ରୀୟ ଜନତା ଦଳ)।
- ରାଜ୍ୟ ରାଜନୈତିକ ଦଳ - ୩୪ଗୋଟି ଥିଲେ।
- ପଞ୍ଜୀକୃତ ଦଳ (ଅଣସ୍ୱୀକୃତିପ୍ରାପ୍ତ)- ୩୨୨ ଥିଲେ।

## ପାଠ ସମ୍ବନ୍ଧୀୟ ପ୍ରଶ୍ନ ୨୧.୩

୧. ଭାରତୀୟ party systemର ଦୁଇଗୋଟି ପ୍ରକୃତି ଲେଖ।

୨. ନିମ୍ନଲିଖିତ ରାଜନୈତିକ ଦଳଗୁଡିକ ମଧ୍ୟରୁ ଯେ କୌଣସି ଦୁଇଟିର ତିନିଗୋଟି ମୁଖ୍ୟ ନୀତିର ବ୍ୟାଖ୍ୟାକର।

(କ) ଭାରତୀୟ ଜାତୀୟ କଂଗ୍ରେସ

(ଖ) ଭାରତୀୟ ଜନତାପାର୍ଟି

ଟିପ୍ପଣୀ

(ଗ) ଭାରତରେ ମାର୍କ୍ସିସଟ୍ କମ୍ୟୁନିଷ୍ଟ ପାର୍ଟି
(ଘ) ବହୁଜନ ସମାଜ ପାର୍ଟି

୩. କେଉଁଟି ଜାମ୍ମୁ ଓ କାଶ୍ମୀରର ଆଞ୍ଚଳିକ ରାଜନୈତିକ ଦଳ ଅଟେ।
(କ) ଭାରତୀୟ ଜାତୀୟ ଲୋକଦଳ
(ଖ) ଜାତୀୟ କଂଗ୍ରେସ
(ଗ) ଫରୱାର୍ଡ ବ୍ଲକ
(ଘ) ରାଷ୍ଟ୍ରୀୟ ଜନତାଦଳ

୪. ଶିବସେନା କେଉଁ ରାଜ୍ୟର ରାଜନୈତିକ ଦଳ ଅଟେ।
(କ) ମହାରାଷ୍ଟ୍ର (ଖ) ତାମିଲନାଡୁ
(ଗ) ବିହାର (ଘ) ଉତ୍ତରାଖଣ୍ଡ

## ଅଭ୍ୟାସ ୨୧.୪

ତୁମ ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳର ପ୍ରସିଦ୍ଧ ରାଜନୈତିକ ଦଳଗୁଡ଼ିକର ନାମଲେଖ। ସେମାନଙ୍କର ତିନିଗୋଟି ମୂଖ୍ୟନୀତି କ'ଣ ? ବିଭିନ୍ନ ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ କ'ଣ ପ୍ରଭାବିତ କରେ ?

| ରାଜନୈତିକ ଦଳର ନାମ | ମୁଖ୍ୟ(Policies) ନୀତି | ଭୋଟ ଦେବା ପାଇଁ ମୋଟିଭେଟ୍ କରିବା |
|---|---|---|
| | | |
| | | |
| | | |
| | | |
| | | |

## ୨୧.୬ ରାଜନୈତିକ ଦଳ ଏବଂ ଚାପଗୋଷ୍ଠୀ

ତୁମେ ତୁମ ଅଞ୍ଚଳରେ, ନଗରରେ ଓ ରାଜ୍ୟରେ ଛାତ୍ର, କୃଷକ, କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଥିବାର, ଧାରଣା ଦେଉଥିବାର ଦେଖିଥିବ। ଏହି ସବୁ କାର୍ଯ୍ୟ ବଣିକ ସଂଘ, କୃଷକ ସଂଗଠନ, ଶିକ୍ଷକ ସଂଘ, ବ୍ୟବସାୟୀ ମାନଙ୍କ ସଂଗଠନ କିମ୍ବା ମହିଳାମାନଙ୍କ ଅନୁଷ୍ଠାନ ଦ୍ୱାରା କରାଯାଇଥାଏ। ତୁମେ ଏହା ସ୍ୱୀକାର କରିବ ଯେ ଏହିଦଳ କିମ୍ବା ଅନୁଷ୍ଠାନ ରାଜନୈତିକ ଦଳ ନୁହେଁ। ତାହାହେଲେ ଏଗୁଡ଼ିକ କ'ଣ ? ବିଶେଷକରି କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ତୁମେ ଖୋଜି ବାହାରକରି ପାରିବ ଯେ ସେଠାରେ ବହୁ ସଂଖ୍ୟକ ସଂଗଠିତ ଦଳ ଅଛନ୍ତି ଯେଉଁମାନେ କି ପ୍ରତ୍ୟେକ୍ଷ କିମ୍ବା ପରୋକ୍ଷ ଭାବରେ ରାଜନୀତି ଏବଂ ସରକାରଙ୍କୁ ପ୍ରଭାବିତ କରିଥାନ୍ତି। ଏହି ସଂଗଠିତ ଦଳର ସଦସ୍ୟମାନେ ସେମାନଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ୱାର୍ଥପାଇଁ ଏକତ୍ରିତ ହୋଇଥାନ୍ତି। ଉଦାହରଣ ସ୍ୱରୂପ କୌଣସି କାରଖାନାର ଶ୍ରମିକମାନେ ସେମାନଙ୍କର ସ୍ୱାର୍ଥର ଉନ୍ନତି ପାଇଁ Trade union ଗଢ଼ି ଏକତ୍ରିତ ହୋଇଥାନ୍ତି। ଏହିପରି ଅନେକ ସଂଗଠିତ ଦଳ ଅଛନ୍ତି ଯେଉଁମାନଙ୍କୁ ଚାପଗୋଷ୍ଠୀ କିମ୍ବା ସ୍ୱାର୍ଥନ୍ୱେଷୀ ଦଳ ବୋଲି କୁହାଯାଏ। ଏହି ଚାପଗୋଷ୍ଠୀ କିମ୍ବା ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ କ'ଣ ? ସେମାନେ ପରସ୍ପରଠାରୁ କିପରି ଭିନ୍ନ ଅଟନ୍ତି ? ଆମ ଦେଶର ରାଜନୈତିକ system ରେ ସେମାନଙ୍କ ଭୂମିକା କ'ଣ ?

### ୨୧.୬.୧ ଚାପଗୋଷ୍ଠୀ ଏବଂ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ :

ଭାରତୀୟ ଜାତୀୟ Trade union କଂଗ୍ରେସ ଦ୍ୱାରା ପରିଚାଳିତ ରାଲିକୁ ତୁମେ ତଳେ ଦିଆଯାଇଥିବା ଚିତ୍ରରେ ଦେଖିପାରିବ । ଏହା ଗୋଟିଏ ସଂଗଠନ ଅଟେ ଯାହାକୁ କି ଚାପଗୋଷ୍ଠୀ କିମ୍ବା ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀରୂପେ ବର୍ଣ୍ଣନା କରାଯାଇଅଛି । ଏହି ଦଳମାନଙ୍କ ସମ୍ବନ୍ଧରେ ଆସ ଆଲୋଚନା କରିବା । ସ୍ୱାର୍ଥାନ୍ୱେଷୀ ଦଳ ହେଉଛନ୍ତି ଲୋକମାନଙ୍କର ସଂଗଠିତ ଦଳ ଯେଉଁମାନେ କି କେତେକ ସ୍ୱାର୍ଥପୂରଣ କରିବାକୁ ଏକତ୍ରିତ ହୋଇଥାନ୍ତି । ସେମାନେ ଏପରି ହେବାର କାରଣ (କ) ସେମାନେ ସୁସଂଗଠିତ (ଖ) ସେମାନଙ୍କର ସାର୍ବଜନିକ ସ୍ୱାର୍ଥ ରହିଅଛି (ଗ) ସେହି ସ୍ୱାର୍ଥ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟହାସଲ ପାଇଁ ଲୋକମାନଙ୍କୁ ଏକାଠି କରିଛି । (ଘ) ଏହି ସଂଗଠିତ ଦଳର ସଦସ୍ୟମାନେ ଯେଉଁ ଉଦ୍ଦେଶ୍ୟନେଇ ଏକତ୍ରିତ ହୋଇଥାନ୍ତି ସେଥିରେ ଯୋଗଦେବା, ତାର ପ୍ରତିବାଦ କରିବା, ତାହାର ଉନ୍ନତି କରିବାର ବାଟ ଖୋଜନ୍ତି । ସାଧାରଣତଃ ଚାପଗୋଷ୍ଠୀ ଏବଂ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କୁ ଏକ ଓ ସମାନ ବୋଲି ବିଚାର କରାଯାଇଅଛି କିନ୍ତୁ ସେମାନେ ସେପରି ନୁହଁନ୍ତି । ସବୁ




ଚିତ୍ର ୨୧.୧ (Rally by Indian National trade union congress)

ଚାପଗୋଷ୍ଠୀ ସ୍ୱାର୍ଥାନ୍ୱେଷୀ ଅଟନ୍ତି କିନ୍ତୁ ସବୁ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଚାପଗୋଷ୍ଠୀ ନୁହଁନ୍ତି । ଗୋଟିଏ ଚାପଗୋଷ୍ଠୀ ହେଉଛି ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ଯେଉଁମାନେ କି ସେମାନଙ୍କ ସ୍ୱାର୍ଥ ପୂରଣ ପାଇଁ ସରକାର କିମ୍ବା ନିଷ୍ପତ୍ତି କର୍ତ୍ତାଙ୍କ ଉପରେ ଚାପ ପକାଇଥାନ୍ତି । ଏହା ହେଉଛି ଚାପଗୋଷ୍ଠୀ ଏବଂ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କ ମଧ୍ୟରେ ସବୁଠାରୁ ବଡ ପ୍ରଭେଦ । ସରକାର କିମ୍ବା ନିଷ୍ପତ୍ତି କର୍ତ୍ତାଙ୍କ ଉପରେ ଚାପ ନ ପକାଇଲେ ମଧ୍ୟ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀଙ୍କର ସ୍ଥିତି ରହିଥାଏ । ନିଜର ଇପ୍ସିତବସ୍ତୁକୁ ପାଇବାପାଇଁ ଏହିପରି ଗୋଟିଏ ଦଳ ଅଛନ୍ତି ଯେଉଁମାନେ କି କର୍ତ୍ତୃପକ୍ଷଙ୍କ ଉପରେ ପ୍ରଭାବ ବିସ୍ତାର କରି ଚାପ ପକାଇଥାନ୍ତି । ସେହିମାନଙ୍କୁ ହିଁ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ କୁହାଯାଏ । ଏମାନେ ଚାପଗୋଷ୍ଠୀ ହୋଇ ପାରିବେ ନାହିଁ । ଉଭୟ ମଧ୍ୟରେ ଥିବା ଏହି ପାର୍ଥକ୍ୟ ନଗଣ୍ୟ ଅଟେ ।

| ସ୍ୱାର୍ଥାନ୍ୱେଷୀ | ଚାପଗୋଷ୍ଠୀ |
|---|---|
| ସାଧାରଣ ଭାବରେ ସଂଗଠିତ | ଦୃଢ଼-ସଂଗଠିତ |
| ସ୍ୱାର୍ଥ ସମ୍ବଳିତ | ଉପଦିପ୍ତ |
| ସରକାରଙ୍କ ନୀତିକୁ ପ୍ରଭାବିତ କରିପାରନ୍ତି-ନ କରିପାରନ୍ତି ମଧ୍ୟ | ସରକାରଙ୍କ ନୀତିଦ୍ୱାରା ନିଶ୍ଚିତ ରୂପେ ପ୍ରଭାବିତ ହୋଇଥାନ୍ତି |
| ଦେଖିବାକୁ ସରଳ | ନୈରାଶ୍ୟ ଜନକ ମନୋବୃତ୍ତି |
| ବେଶି କିମ୍ବା କମ୍ ସୁରକ୍ଷାକାରୀ | ସୁରକ୍ଷିତ |

## ୨୧.୬.୨ ଚାପଗୋଷ୍ଠୀର ଭୂମିକା ଏବଂ କୌଶଳ

ଗଣତାନ୍ତ୍ରିକ କାର୍ଯ୍ୟକ୍ରମରେ ଚାପଗୋଷ୍ଠୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ସେମାନେ ଆଲୋଚନା ସଭା ସାହାଯ୍ୟରେ ଗୁରୁତର Public issue କୁ ବଦଳାଇ ଜନମତ ସୃଷ୍ଟି କରନ୍ତି। ଏହି ପ୍ରଣାଳୀରେ ସେମାନେ ଲୋକଙ୍କୁ ଶିକ୍ଷା ପ୍ରଦାନ କରନ୍ତି ଏବଂ ସେମାନଙ୍କର ଦୃଷ୍ଟିର ପରିସରକୁ ବୃଦ୍ଧି କରନ୍ତି। ଗଣତାନ୍ତ୍ରିକ ଯୋଗଦାନର ଘୋଷଣା କରନ୍ତି, ଉଠାନ୍ତି ଏବଂ ସ୍ପଷ୍ଟଭାବରେ ବ୍ୟକ୍ତ କରନ୍ତି। ଏହି ଦଳଗୁଡିକ ସାଧାରଣ ନୀତି ନିୟମର ପରିବର୍ତ୍ତନରେ ସାହାଯ୍ୟ କରନ୍ତି ଏବଂ କ୍ଷମତା ବିକେନ୍ଦ୍ରୀକରଣ ପାଇଁ ଉତ୍ସାହିତ କରନ୍ତି। ସେମାନେ ନିର୍ଦ୍ଦିଷ୍ଟ ସଂସ୍କରଣର ଅନୁସନ୍ଧାନର ସାହାଯ୍ୟ କରନ୍ତି ଏହା ବିଶ୍ୱାସଯୋଗ୍ୟ ତଥ୍ୟରୁ ସଂଗ୍ରହକରା ଯାଇଥାଏ।

ଚାପଗୋଷ୍ଠୀ ଦ୍ୱାରା ଅନୁସୃତ ହେଉଥିବା କୌଶଳଗୁଡିକ ହେଲା : ଅପିଲ, ପିଟିସନ, ଡେମୋନେଷ୍ଟ୍ରେସନ, ପିକେଟିଙ୍ଗ Lollying ଏବଂ ଶୋଭାଯାତ୍ରା। ସୋମନେ Media ରେ ଲେଖନ୍ତି। ପ୍ରଚାର ପତ୍ରିକା ବାଣ୍ଟନ୍ତି। Press releases କୁ ଜନ୍ମ ଦିଅନ୍ତି। ସଭା ଏବଂ ଆଲୋଚନା ପରିଚାଳନା କରନ୍ତି। ପୋଷ୍ଟର ଲଗାନ୍ତି। ସ୍ଲୋଗାନ ଦିଅନ୍ତି। ସେମାନେ ସତ୍ୟାଗ୍ରହ କରନ୍ତି, ଯାହାକି ଅହିଂସା ମାଧ୍ୟମରେ ପ୍ରତିବାଦ ଅଟେ। ସମୟ ସମୟରେ ଚାପଗୋଷ୍ଠୀ ଗୁଡିକ ବିଧାୟକ, କାର୍ଯ୍ୟକାରୀ ଅଫିସର ଏବଂ ନିଷ୍ପତ୍ତି ନେଇଥିବା ବ୍ୟକ୍ତିମାନଙ୍କ ଉପରେ ଚାପ ପକାଇବାକୁ ଷ୍ଟ୍ରାଇକ କରିଥାନ୍ତି। ପ୍ରାୟ ସେମାନେ boycott (ଏକ ଘରିକିଆ) କରିଥାନ୍ତି। ଓକିଲମାନେ ସମୟ-ସମୟରେ କୋଟ ବର୍ଜନ କରିବାର, ଏବଂ ଶିକ୍ଷକମାନେ ଶ୍ରେଣୀ ବର୍ଜନ କରିବାର ତୁମେ ଦେଖିନାହଁ କି ? ଚାପଗୋଷ୍ଠୀମାନେ ସରକାରୀ ନୀତିକୁ ପ୍ରଭାବିତ କରିବାପାଇଁ ଏହିସବୁ କାମ କରିଥାନ୍ତି।

**ତୁମେ ଜାଣ କି**

**Lobbying କ'ଣ ?**

Public policcy କୁ ସୃଷ୍ଟିକରିବା ଏବଂ କାଯର୍କ୍ୟକାରୀ କରିବା ପ୍ରଚେଷ୍ଟାକୁ Lobbying କୁହାଯାଏ।

## ୨୧.୬.୩ ରାଜନୈତିକ ଦଳ ଏବଂ ଚାପଗୋଷ୍ଠୀ

ଯଦିଓ ଚାପଗୋଷ୍ଠୀ ଓ ରାଜନୈତିକ ଦଳ ମଧ୍ୟରେ ଥିବା ପାର୍ଥକ୍ୟ ରହିଅଛି। ତଥାପି ସେମାନଙ୍କ ମଧ୍ୟରେ ଥିବା ସଂପର୍କ ପରିଷ୍କାର ଅଟେ। ନିର୍ବାଚନ ସମୟରେ କର୍ମ ଯୋଗାଣ ଯୋଗୁଁ ଟ୍ରେଡ ୟୁନିୟନ ଗୁଡିକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଗୁଡିକୁ ସାହାଯ୍ୟ କରିଥାନ୍ତି। ଅନ୍ୟଦିଗରେ ଦେଖିବାକୁ ଗଲେ ରାଜନୈତିକ ଦଳ ଗୁଡିକ Worker ମାନଙ୍କ ସ୍ୱାର୍ଥ ରକ୍ଷାର ବ୍ୟବସ୍ଥା ପାଇଁ ଯୁକ୍ତି ବାଢ଼ିଥାନ୍ତି। ତୁମେ ଜାଣ କି ଅଖିଳ ଭାରତୀୟ ଛାତ୍ର ସଂଗଠନ ଭବିଷ୍ୟତ ନେତୃତ୍ୱ କଂଗ୍ରେସକୁ ପ୍ରଦାନ କରିବାକୁ ଏବଂ ସେହିପରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭାରତୀୟ ଜନତାପାର୍ଟିକୁ ନେତୃତ୍ୱ ଦେବାକୁ ଚେଷ୍ଟା କରୁଛି। କେତେକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସହିତ କେତେ ଚାପଗୋଷ୍ଠୀର ସଂପର୍କ ରହିଥିଲାବେଳେ ଅନେକ ଚାପଗୋଷ୍ଠୀଙ୍କ ରାଜନୈତିକ ଦଳ ସହିତ କିଛି ସଂପର୍କ ନଥାଏ। କିନ୍ତୁ ଏହା ବୁଝିବା ଜରୁରୀ ଯେ, ଚାପଗୋଷ୍ଠୀ ରାଜନୈତିକ ଦଳ ଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ। ସେମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ତଳେ ଲେଖା ଗଲା।

- ପ୍ରାଥମିକତଃ ଚାପଗୋଷ୍ଠୀ ଗୁଡିକର ପ୍ରକୃତି ରାଜନୈତିକ ନୁହେଁ। ଉଦାହରଣ ସ୍ୱରୂପ - ଯଦିଓ

ରାଷ୍ଟ୍ରୀୟ ସ୍ୱୟଂସଂଘ ଭାରତ ଜନତା ପାର୍ଟିକୁ ସମର୍ଥନ ଦିଏ, କିନ୍ତୁ ଏହା ଏକ ବିରାଟ ସାଂସ୍କୃତିକ ଅନୁଷ୍ଠାନ। ରାଜନୈତିକ ଦଳଗୁଡ଼ିକ ମୂଳତଃ ରାଜନୈତିକ।

- ଚାପଗୋଷ୍ଠୀ ସିଧାସଳଖ କ୍ଷମତା ଚାହେଁ ନାହିଁ ସେ କେବଳ ନିଜର ସ୍ୱାର୍ଥ ହାସଲପାଇଁ ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନଙ୍କୁ ପ୍ରଭାବିତ କରିଥାନ୍ତି। ରାଜନୈତିକ ଦଳ ଗୁଡ଼ିକ ସରକାରଙ୍କର କ୍ଷମତା ହାସଲ କରିବାକୁ ଚାହାନ୍ତି।
- ଚାପଗୋଷ୍ଠୀ ନିର୍ବାଚନରେ ଅଂଶ ଗ୍ରହଣ କରନ୍ତି ନାହିଁ। ସେମାନେ କେବଳ ନିଜ ପସନ୍ଦ ମୁତାବକ ରାଜନୈତିକ ଦଳକୁ ସମର୍ଥନ କରନ୍ତି। ରାଜନୈତିକ ଦଳ ନିର୍ବାଚନରେ ଅଂଶଗ୍ରହଣ କରନ୍ତି ପ୍ରାର୍ଥୀ ବାଛିନ୍ତି ଏବଂ ପ୍ରାର୍ଥୀଙ୍କପାଇଁ ପ୍ରଚାର ମଧ୍ୟ କରନ୍ତି।
- ଚାପଗୋଷ୍ଠୀଙ୍କର ରାଜନୈତିକ ଆଦର୍ଶ ରହିବା ଦରକାର ନାହିଁ। ରାଜନୈତିକ ଦଳଗୁଡ଼ିକ ସବୁବେଳେ ସେମାନଙ୍କ ଦଳର ଆଦର୍ଶଦ୍ୱାରା ପରିଚାଳିତ ହୁଅନ୍ତି। ଉଦାହରଣ ସ୍ୱରୂପ କଂଗ୍ରେସ ଦଳର ଆଦର୍ଶ ହେଉଛି ସମାଜବାଦ, ନିରପେକ୍ଷବାଦ ଏବଂ ଗଣତନ୍ତ୍ରବାଦ ସେହିପରି କମ୍ୟୁନିଷ୍ଟ ମାନେ, ଶ୍ରମିକ, କୃଷକ, ଏବଂ ଅନ୍ୟ ଦୁର୍ବଳ ଶ୍ରେଣୀର ସ୍ୱାର୍ଥପାଇଁ ଯୁକ୍ତି ବାଢ଼ନ୍ତି।
- ଚାପଗୋଷ୍ଠୀଙ୍କ ଆଭିମୁଖ୍ୟ ଗୋଟିଏ ନିର୍ଦ୍ଦିଷ୍ଟ ହୋଇଥିବା ବେଳେ ରାଜନୈତିକ ଦଳର ଆଭିମୁଖ୍ୟ ଏକାଧିକ ହୋଇଥାଏ। ସେଗୁଡ଼ିକ ଜାତୀୟ ଏବଂ ଅନ୍ତଃର୍ଜାତୀୟ ହୋଇଥାଏ।

## ୨୧.୬.୪ ଭାରତରେ ଚାପଗୋଷ୍ଠୀ

ଅନ୍ୟ ଗଣତାନ୍ତ୍ରୀକ ଦେଶଭଳି ଭାରତରେ ଅସଂଖ୍ୟ ସ୍ୱାର୍ଥପର /ଚାପଗୋଷ୍ଠୀ ଅଛନ୍ତି। ପାରମ୍ପରିକ ସାମାଜିକ ଗଠନକୁ ଆଧାରକରି ଚାପଗୋଷ୍ଠୀ ରହିଅଛି। ଆର୍ଯ୍ୟପ୍ରତିନିଧି ସଭା, ସନାତନ ଧର୍ମସଭା, ପାରସି ଅଂଜୁମନ, ଆଂଗ୍ଲୋ ଭାରତୀୟ ଖ୍ରୀଷ୍ଟିୟାନ ଆସୋସିଏସନଙ୍କ ପରେ ଅନେକ ଧାର୍ମିକ ସଂଗଠନ ରହିଅଛି। ସେଗୁଡ଼ିକ ହେଲା ବ୍ରାହ୍ମଣ ସଭା, ନାୟର ସୋସାଇଟି, ଭାଷା-ଭାଷୀ ସଂଘ (ତାମିଲ ସଂଘ, ଅନଜୁମନ ଇ-ତାରିକି-ଇ-ଉର୍ଦ୍ଦୁ)। ତୁମ୍ଭେମାନେ ଆହୁରି ମଧ୍ୟ କେତେକ ସ୍ୱାର୍ଥୀ-ଦଳ ଥିବାର ଦେଖିବ। ସେମାନେ ହେଲେ Federation of the Indian chambers commers and Industry (F.I.C.C.I) ଶ୍ରମିକ ଏବଂ କୃଷକଙ୍କୁ ନେଇ ଗଠିତ ସଂଘ – All India Trade union congress, The kisan sava। ଅନୁଷ୍ଠାନିକ ଦଳ ଗୁଡ଼ିକ ହେଲା Civil Service Associantion କିମ୍ୱା Non-Gazetted officer's union। ସମୟେ-ସମୟେ ତୁମେ ଦେଖିପାରିବ ଯେ, କେତେକ ଦଳ All-Assam Students Union ପରି ରହିଅଛି। All-Assam students union ଙ୍କଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳରେ କଲେଜ ସ୍ଥାପନ।

## ୨୧.୬.୫ ସିଭିଲ ସୋସାଇଟଇ ଅର୍ଗାନାଇଜେସନ: A New Form of Mass Pressure Tacties in India.

ଭାରତରେ ବହୁସଂଖ୍ୟାରେ Civil Society ଅନୁଷ୍ଠାନ (CSOs) ରହିଅଛି। କେତେକ ସ୍ୱାର୍ଥ ପଛରେ ଅନୁଧାବନ କରିବାପାଇଁ ନାଗରିକ ମାନଙ୍କ ଦ୍ୱାରା ଏହା ସ୍ଥାପିତ ଏବଂ ପରିଚାଳିତ ହେଉଅଛି। ଏହି ଅନୁଷ୍ଠାନ ମାନଙ୍କ ମଧ୍ୟରୁ ଅନେକ ଚାପଗୋଷ୍ଠୀ ପରି କାର୍ଯ୍ୟକରୁ ଅଛନ୍ତି। ସେମାନେ ନିଜ ନିଜ ଅଞ୍ଚଳରେ ସରକାରଙ୍କର ନୀତି ଗୁଡ଼ିକ କାର୍ଯ୍ୟକାରୀ କରିବାପାଇଁ ସରକାରଙ୍କ ଉପରେ ଚାପ ପକାଉଅଛନ୍ତି। ସାଧାରଣ ଲୋକ ଯେଉଁମାନେ କି କୌଣସି ନର୍ଦ୍ଦିଷ୍ଟ ନୀତି ଉପରେ ଅଡି ବସନ୍ତି ତାଙ୍କଦ୍ୱାରା ଏହି ଅନୁଷ୍ଠାନ ପରିଚାଳିତ ହେଉଅଛି। ଅନେକ ସାଧାରଣ ଲୋକ ଆନୁଷ୍ଠାନିକ କିମ୍ୱା ଅଣ ଆନୁଷ୍ଠାନିକ ଭାବେ ଏକାଠିହୋଇ ବିଭିନ୍ନ

କାର୍ଯ୍ୟ ଏବଂ ସାମାଜିକ ନ୍ୟାୟ ପାଇବା ପାଇଁ ସେମାନଙ୍କର ମନୋଭାବକୁ ବ୍ୟକ୍ତ କରନ୍ତି। ଲୋକମାନେ ଲିଂଗଗତ ତାରତମ୍ୟ, ଶିଶୁ ଶ୍ରମିକ, ଗଳିର ପିଲା ଏହି ବିଷୟରେ(Issue) ଉପରେ ସ୍ୱର ଉତ୍ତୋଳନ କରି ବ୍ୟକ୍ତିଗତ ବା ସାମୁହିକ କାର୍ଯ୍ୟ କରିଥାନ୍ତି। ଏହିସବୁ ଅନୁଷ୍ଠାନ ଗୁଡିକ ଜନମତକୁ ପରିବର୍ତ୍ତନ କରିଦିଅନ୍ତି କାରଣ ଏହି ଘଟଣା ସବୁ ଅନେକ ଲୋକଙ୍କ ସହିତ ସଂପୃକ୍ତ ଥାଏ। ଏହି ଅନୁଷ୍ଠାନ ମଜଦୁର କିଷାନ ଶକ୍ତି ସଂଗଠନ ( ରାଜସ୍ଥାନ) (MKSS) ଏବଂ People's union for civil littertils (PUCL) National Alliance of People's movement (NAPM) ଏବଂ National Alliance of Women's organizations (NAWOS), Medico Friends Circle (MFC)ଆହୁରି ମଧ୍ୟ ଅନେକଙ୍କୁ ନିଜ ସହିତ ସଂଯୁକ୍ତ କରିଛି। ଏହି ଅନୁଷ୍ଠାନ ଗୁଡିକ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ(Issue) କୁ ପରିବର୍ତ୍ତନ କରିବାପାଇଁ ସରକାରଙ୍କ ଉପରେ ଚାପ ପକାଇଥାନ୍ତି। ସେସବୁ ହେଲା ଦୁର୍ନୀତି, ମାନବ ଅଧିକାର, ବିଭିନ୍ନ ଲୋକଙ୍କର ଜୀବନ ଧାରଣ ପରିବେଶ ସମସ୍ୟା-ମହିଳା ସଶକ୍ତିକରଣ, ଶିକ୍ଷାଗତ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଘଟଣା।

ଭଦ୍ର ସମାଜ ଅନୁଷ୍ଠାନ (ସିଭିଲ୍ ସୋସାଇଟ୍) ରାଜ୍ୟ ଏବଂ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏହା ଇଣ୍ଟରଫେସ୍ ତୁଲ୍ୟ ଅଟେ। ଭଦ୍ରସମାଜ ଅନୁଷ୍ଠାନ କ୍ରୀୟାଶୀଳ ସଂଯୋଗକାରୀ, ପୁରୁଷ ଏବଂ ମହିଳା ଦଳଙ୍କ ସଂପୃକ୍ତିକୁ ବିସ୍ତୃତ ଭାବରେ ବୁଝାଇଥାଏ। ସଂଘ, ଅନୁଷ୍ଠାନ, ପରୋପକାରୀ ଅନୁଷ୍ଠାନ ଯେଉଁମାନେକି ଜନସ୍ୱାର୍ଥ ସମ୍ବଳିତ ବିଷୟ ଯଥା ବାତାବରଣ ସୁରକ୍ଷା, ଦରବୃଦ୍ଧି, ଦୁର୍ନିତି ନିବାରଣ ବିଷୟ ପ୍ରତି ସ୍ୱର ଉତ୍ତୋଳନ କରିଥାନ୍ତି ତାଙ୍କୁ ବୁଝାଏ। ଏକବିଂଶ ଶତାବ୍ଦୀ, ଭଦ୍ରସମାଜ ଅନୁଷ୍ଠାନ ମାନଙ୍କ ଦ୍ୱାରା କରାଯାଇଥିବା ବହୁ ସଂଖ୍ୟକ ପ୍ରତିବାଦ, ବିକ୍ଷୋଭ, ଆନ୍ଦୋଳନକୁ ଦେଖି ଆସିଅଛି। ଭଦ୍ରସମାଜ ଲୋକମାନଙ୍କୁ ସବୁଠାରେ ପହଞ୍ଚାଇବାକୁ ସାହାଯ୍ୟ କରୁଛନ୍ତି। ସେମାନେ ଲୋକମାନଙ୍କ ପାଇଁ ଗୋଟିଏ channel ର ବ୍ୟବସ୍ଥା କରିଛନ୍ତି। ଯାହାଦ୍ୱାରା କି ସେମାନେ ଅଭିଯୋଗକୁ ଉପସ୍ଥାପନ କରିପାରୁଛନ୍ତି। ଆହୁରି ମଧ୍ୟ ପରିବର୍ତ୍ତନ ପାଇଁ ଗଠନମୂଳକ କାର୍ଯ୍ୟ କରିପାରିଛନ୍ତି। ସରକାରଙ୍କର ପ୍ରତିଶୃତି ପାଳନରେ ବ୍ୟତିକ୍ରମକୁ ଭଦ୍ରସମାଜ ଅନୁଷ୍ଠାନ, ସୁଚାଇ ଦେଉଛନ୍ତି। ଭଦ୍ର ସମାଜ ଅନୁଷ୍ଠାନ ଆଦର୍ଶ ଆଡକୁ ଆକୃଷ୍ଟ ହୁଏ ଏବଂ ଯୁବକମାନଙ୍କୁ ଆକୃଷ୍ଟ କରେ। ଏପରିକି ସୁନାଗରିକ ହେବାକୁ ଶିଖେ ଏବଂ ଶିଖାଏ। ସୁନାଗରିକମାନେ ଜାଗ୍ରତ ଏବଂ ସତର୍କ ଅଟନ୍ତି। ଏହି ଜାଗ୍ରତ ନାଗରିକ ମାନେ Civil Society ଦଳ ଗଠନ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକ ବୃହତ୍ତର ସାମାଜିକ ମଙ୍ଗଳ ପାଇଁ ସଂଗ୍ରାମ କରନ୍ତି। ଏହିପରିକି ଏମାନେ ମଙ୍ଗଳଦାୟକ କାମପାଇଁ ନିଜର ସୁଖ ସୁବିଧା, ସମୟ ଏବଂ ଶକ୍ତିକୁ ଉତ୍ସର୍ଗ କରନ୍ତି। ବର୍ତ୍ତମାନ ସମୟର ଚାପଗୋଷ୍ଠୀର କେତେକ ପ୍ରସିଦ୍ଧ ନେତା ହେଲେ ଅରୁଣା ରାଏ (ମଜଦୁର କିସାନ ଶକ୍ତି ସଂଗଠନ), ଇ ଲାଭାର୍ଚ୍ଚ (Self Employed Women's Association) ଅନ୍ନାହଜାରେ (ଦୁର୍ନୀତି ବିରୁଦ୍ଧରେ ଭାରତ) ଏବଂ ମେଧାପାଟକର ( ନର୍ମଦା ବଚାଓ ଆନ୍ଦୋଳନ)। ଏହି ସମସ୍ତ ଭଦ୍ର ସମାଜ ଅନୁଷ୍ଠାନ ବହୁତ ଗୁଡିଏ ଲୋକଙ୍କୁ ସଂପୃକ୍ତ କରିଛନ୍ତି। ଯେଉଁମାନେ କି Stater policies ରେ ପରିବର୍ତ୍ତନ ଆଣିବାକୁ ସଂଗ୍ରାମ କରୁଛନ୍ତି। ଅନେକ ଚାପଗୋଷ୍ଠୀ ନିମ୍ନଲିଖିତ ଅହିଂସା ନୀତି ଉପରେ ବିଶ୍ୱାସ କରନ୍ତି।

### ୨୧.୬.୬ ଚାପର କୌଶଳ

ସରକାରଙ୍କୁ ପ୍ରଭାବିତ କରିବା ପାଇଁ ଚାପଗୋଷ୍ଠୀ ବିଭିନ୍ନ କୌଶଳ ପ୍ରୟୋଗ କରନ୍ତି। ଏହି କୌଶଳ ଗୁଡ଼ିକ ସମ୍ବିଧାନିକ ଏବଂ ଶାନ୍ତିପୂର୍ଣ୍ଣ ଅଟେ। ଭାରତରେ ସାଧାରଣ ଭାବରେ ହେଉଥିବା ଚାପକୌଶଳ ହେଉଛି ସତ୍ୟାଗ୍ରହ ଏବଂ ଅହିଂସା ଉପାୟରେ ପ୍ରତିବାଦ। ତୁମେ ଜାଣିଛ ଯେ ଗାନ୍ଧିଜୀ ସତ୍ୟାଗ୍ରହ ଶବ୍ଦକୁ ଉପସ୍ଥାପନ କରିଥିଲେ ଏବଂ ଏଥିପାଇଁ ସାରା ଜଗତରେ ଜଣାଶୁଣା ହୋଇଥିଲେ।

ଯଦିଓ ସେ ଏହି ଧାରା ଗୁଡିକ ବୈଦେଶିକ ଶାସନ ବିରୁଦ୍ଧରେ ପ୍ରୟୋଗ କରିଥିଲେ ତଥାପି ଏହି ଧାରା ବର୍ତ୍ତମାନ ପାଇଁ ସଂଗତ ଅଟେ। ଏହି ଧାରାଗୁଡିକ ବର୍ତ୍ତମାନ ଦକ୍ଷତାର ସହ ବ୍ୟବହାର କରାଯାଉଅଛି। ଉଦାହରଣ ସ୍ୱରୂପ Self employed Woman Association ମହିଳା ଶ୍ରମିକ ମାନଙ୍କର ଦାବିର ଉନ୍ନତି ପାଇଁ ସରକାରଙ୍କୁ ପ୍ରଭାବିତ କରି ତାଙ୍କ ନୀତିରେ ଉନ୍ନତି ଆଣିଛନ୍ତି। ମଜଦୁର କିସାନ ଶକ୍ତି ସଂଗଠନ ଲୋକମାନଙ୍କ ଆନ୍ଦୋଳନକୁ ଆଗେଇ ନେଲେ ଯାହାର ଫଳରେ କି ସରକାର 'Rigt to Informention' ଆଇନ ପ୍ରଣୟନ କଲେ। ଉତ୍ତର-ପୂର୍ବ ରାଜ୍ୟ ମଣିପୁରରେ 'Just Peace', Apuba LUPC ଛାତ୍ର ସଂଗଠନ ଏବଂ 'Meira Paibis'c (ମହିଳାଦଳ) ସରକାରଙ୍କୁ ଲୋକମାନଙ୍କର ଯୁକ୍ତିଯୁକ୍ତ ଅଭିଯୋଗକୁ ଶୁଣିବାପାଇଁ ପ୍ରଭାବିତ କରୁଛନ୍ତି। ଏହି ଦଳଗୁଡିକ ଏକାଠି ମିଶି Irom Sharmila ମଣିପୁରର ଲୌହ ମହିଳା, ଯେ କି ବର୍ତ୍ତମାନ ଅନଶନ ରତ ତାଙ୍କ ସହିତ ସଂଶ୍ଳିଷ୍ଟ ହୋଇଛନ୍ତି ଯେ ସରକାର ତାଙ୍କ ରାଜ୍ୟରେ ହିଂସା ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ, ଏବଂ ସରକାର ଲୋକଙ୍କର ଗଣତାନ୍ତ୍ରିକ ବାଦକୁ ସମ୍ମାନ ପ୍ରଦର୍ଶନ କରନ୍ତୁ। ଦାବି କରୁଛନ୍ତି ସାରା ଦେଶର ଲୋକମାନେ ତାଙ୍କ ଉତ୍ସର୍ଗୀକରଣକୁ ଗ୍ରହଣ (respond) କରୁଛନ୍ତି। (ସେ ଏଗାର ବର୍ଷ ହେଲା କିଛି ଖାଦ୍ୟ ଖାଇ ନାହାନ୍ତି ତଥାପି ସେ ବଞ୍ଚିଛନ୍ତି କାରଣ ତାଙ୍କ ନାକରେ ଲାଗିଥିବା ପାଇପ ଦ୍ୱାରା ତାଙ୍କୁ ଅନିଚ୍ଛା ସତ୍ତ୍ୱେ ଖାଦ୍ୟ (force-feed) ଦିଆଯାଉଛି।



**Figure 21.2** *Meira Paibis (women activists) protesting in Manipur;*



**Figure 21.3** *Women of Kerala sending postcards to P.M. and President of India in support of demands made by Meira Paibis and Irom Sharmila for peace in Manipur*




**Figure 21.4**

ଚାପଗୋଷ୍ଠୀ ଆଉ ଯେଉଁ ସବୁ କୌଶଳ ପ୍ରୟୋଗ କରୁଛନ୍ତି ସେଗୁଡ଼ିକ ହେଲା, ପ୍ରଦର୍ଶନ, ଧାରଣାରେ ବୈଠକି, ଷ୍ଟ୍ରାଇକ୍ କରିବା, ସାଧାରଣ ସଭାର ଆୟୋଜନ, ବ୍ୟବସ୍ଥାପକ କମିଟିର ସଦସ୍ୟଙ୍କୁ ଦାବିପତ୍ର ଦେବା, ଜନମତ ସୃଷ୍ଟି କରିବା ଓ ଗଣ ମାଧ୍ୟମରେ ସାହାଯ୍ୟ ନେବା।

## ପାଠ ସମ୍ବନ୍ଧୀୟ ପ୍ରଶ୍ନ ୨୧.୪

୧. ଚାପଗୋଷ୍ଠୀ ଗୁଡିକ କ'ଣ ? ସେମାନେ ସ୍ୱାର୍ଥୀଗୋଷ୍ଠୀ ଠାରୁ କିପରି ଭିନ୍ନ ?

୨. ଚାପଗୋଷ୍ଠୀ ଏବଂ ରାଜନୈତିକ ଦଳ ମଧ୍ୟରେ ଥିବା ଦୁଇଗୋଟି ପାର୍ଥକ୍ୟ ଲେଖ।

୩. ଚାପଗୋଷ୍ଠୀ କିପରି ସରକାରୀ ନୀତିକୁ ପ୍ରଭାବିତ କରେ ତାର ଅତିକମରେ ତିନିଗୋଟି ଉପାୟ ଲେଖ। (ଉଦାହରଣ ଦେବାକୁ ହେବ)

## କାର୍ଯ୍ୟ ୨୧.୫

ସ୍ୱାର୍ଥନ୍ୱେଷୀ ଗୋଷ୍ଠୀ, ଚାପଗୋଷ୍ଠୀ ଏବଂ ରାଜନୈତିକ ଦଳ ଗୁଡ଼ିକର ଚରିତ୍ରିକ ରୂପ ଇତସ୍ତତ ଭାବରେ ଦିଆଯାଇ ଅଛି। ଧ୍ୟାନ ପୂର୍ବକ ପଢ଼ି ଗୋଟିକ ଠାରୁ ଅନ୍ୟର ପାର୍ଥକ୍ୟକୁ ବୁଝି ତଳେ ଦିଆ ଯାଇଥିବା ଟେବୁଲ୍‌ରେ ଯଥା ସ୍ଥାନରେ ସେଗୁଡ଼ିକୁ ଲେଖ।

- ଯଥା-ଯଥ ଭାବେ ଗଠିତ
- ନିର୍ବାଚନରେ ପ୍ରତିଯୋଗୀତା
- ବାହାରକୁ ସରଳ
- ଅଧିକ ବା କମ ସୁରକ୍ଷିତ
- ସୁରୁକ୍ଷିତି ଏବଂ ଗତିଶୀଳ
- ସରକାରୀ କ୍ଷମତା ଅନ୍ୱେଷୀ
- ବିଧାନ ଗଠନରେ ସହାୟକ

- ସ୍ୱାର୍ଥ ବିଜଡ଼ିତ
- ପ୍ରକୃତିରେ ରାଜନୈତିକ
- ସାଧାରଣ ଭାବରେ ପରିଚାଳିତ
- କ୍ଷମତା ବଦଳିବାରେ ସରଳ
- ଉପଦ୍ୱାରା ପ୍ରଭାବିତ
- ବାହାରୁ ନୈରାଶ୍ୟ ଜନକ
- ସରକାରୀ ନୀତିକୁ ପ୍ରଭାବିତ କରିପାରେ ବା ନକରିପାରେ
- ସରକାରୀ ନୀତିକୁ ନିଶ୍ଚିତ ରୂପେ ପ୍ରଭାବିତ କରୁଥିବ।

| ସ୍ୱାର୍ଥ ନେ୍ୱଷୀ ଗୋଷ୍ଠୀ | ଉପଗୋଷ୍ଠୀ | ରାଜନୈତିକ ଦଳ |
|---|---|---|
| | | |
| | | |
| | | |
| | | |
| | | |

## ତୁମେ କ'ଣ ଶିଖିଲ

- ରାଜନୈତିକ ଦଳ ଗୁଡିକର ଗଣତାନ୍ତ୍ରିକ ପ୍ରଣାଳୀରେ ନିର୍ଦ୍ଦିଷ୍ଟ ଭୂମିକା ରହିଅଛି। ଫଳତଃ ରାଜନୈତିକ ଦଳ ଗୁଡିକ ଗଣତନ୍ତ୍ରକୁ ସମ୍ଭବପର କରୁଛନ୍ତି। ସେମାନେ ନିର୍ବାଚନକୁ ସମ୍ଭବପର କରୁଛନ୍ତି। କ୍ଷମତା ହସ୍ତାନ୍ତରରେ ସେମାନେ ସାହାଯ୍ୟ କରନ୍ତି। ସେମାନେ ଲୋକମାନଙ୍କୁ ଶିକ୍ଷା ପ୍ରଦାନ କରନ୍ତି। ସରକାରଙ୍କୁ ଦାୟିତ୍ୱ ସଂପାଦନ କରନ୍ତି।
- ଭାରତରେ ରାଜନୈତିକ ଦଳ ବିସ୍ତୃତ ଭାବରେ ଦୁଇ ପ୍ରକାରର। (୧) ଜାତୀୟ ରାଜନୈତିକ ଦଳ ଯେଉଁମାନଙ୍କର ପ୍ରଭାବ ସଂପୂର୍ଣ୍ଣ ଦେଶରେ ରହିଅଛି। (୨) ଆଞ୍ଚଳିକ ରାଜନୈତିକ ଦଳ, ଯେଉଁମାନଙ୍କର ପ୍ରଭାବ ସୀମିତ ଅଞ୍ଚଳ କିମ୍ବା ନିର୍ଦ୍ଦିଷ୍ଟ ରାଜ୍ୟରେ ରହିଅଛି।
- ଜାତୀୟ ରାଜନୈତିକ ଦଳ ହେଲେ କଂଗ୍ରେସ, ଭାରତୀୟ ଜନତା ପାର୍ଟି, Nationallist ରାଷ୍ଟ୍ରୀୟ କଂଗ୍ରେସ କମ୍ୟୁନିଷ୍ଟ ଦଳ, ବହୁଜନ ସମାଜପାର୍ଟି, ଆଞ୍ଚଳିକ ରାଜନୈତିକ ଦଳ ହେଲେ ଅକାଳୀ ଦଳ (ପଞ୍ଜାବ) DMK ଏବଂ AIADMK (ତାମିଲନାଡୁ) ତେଲଗୁ ଦେଶମ (ଆନ୍ଧ୍ରପ୍ରଦେଶ), National Conference ( ଜାମ୍ମୁ ଏବଂ କାଶ୍ମୀର)
- ୧୯୮୯ ମସିହାରୁ ଆଞ୍ଚଳିକ ରାଜନୈତିକ ଦଳ ଗୁଡ଼ିକ ମିଳିତ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଆରମ୍ଭ କରିଦେଇଅଛନ୍ତି।
- ଦେଶରେ ମିଳିତ ସରକାର ରହିଆସିଅଛି।

- ଚାପଗୋଷ୍ଠୀ ରାଜନୈତିକ ଦଳଠାରୁ ଭିନ୍ନ ଅଟନ୍ତି। ସେମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ସ୍ୱାର୍ଥ ହାସଲ ପାଇଁ ସରକାର ଏବଂ ସିଦ୍ଧାନ୍ତ ଗ୍ରହଣକାରୀଙ୍କୁ ପ୍ରଭାବିତ କରିଥାନ୍ତି। ଆଧୁନିକ ଗଣତନ୍ତ୍ରରେ ସେମାନଙ୍କର ଭୂମିକା ନଗଣ୍ୟ ଅଟେ।

## ଅନ୍ତିମ ପ୍ରଶ୍ନାବଳୀ

୧. ଆମେ କାହିଁକି ରାଜନୈତିକ ଦଳ ଆବଶ୍ୟକ କରୁ ?

୨. ରାଜନୈତିକ ଦଳ କହିଲେ ତୁମେ କ'ଣ ବୁଝ ?

୩. ରାଜନୈତିକ ଦଳର ଚାରିଗୋଟି ଗୁଣ ଧର୍ମ ଲେଖ।

୪. ରାଜନୈତିକ ଦଳର ଚାରିଗୋଟି କାର୍ଯ୍ୟ ଲେଖ।

୫. ଭାରତୀୟ ଜାତୀୟ କଂଗ୍ରେସର ନୀତି ଗୁଡିକୁ ବିସ୍ତୃତ ଭାବରେ ବର୍ଣ୍ଣନା କର।

୬. ଭାରତରେ ପାର୍ଟି System ର ତିନିଗୋଟି ପ୍ରକୃତି ଲେଖ।

୭. ଚାପଗୋଷ୍ଠୀ କ'ଣ ?

୮. ରାଜନୈତିକ ଦଳ ଏବଂ ଚାପଗୋଷ୍ଠୀ ମଧ୍ୟରେ ଥିବା ଦୁଇଗୋଟି ପାର୍ଥକ୍ୟ ଲେଖ।

୯. ଭାରତରେ ଚାପଗୋଷ୍ଠୀଙ୍କ ବିସ୍ତୃତ ବର୍ଣ୍ଣନା ଦିଅ।

୧୦. ସିଭିଲ ସୋସାଇଟି ଅନୁଷ୍ଠାନ ଗୁଡ଼ିକ କ'ଣ ? ଭାରତର ତତ୍କାଳୀନ ଦୁଇ ଗୋଟି ଭଦ୍ର ସମାଜ ଅନୁଷ୍ଠାନ ବିଷୟରେ ଲେଖ।

## ପାଠଗତ ପ୍ରଶ୍ନ ଗୁଡ଼ିକର ଉତ୍ତର

### ୨୧.୧

୧. (a) (III)

(b) (IV)

(c) (III)

୨. ଗଣତନ୍ତ୍ରକୁ କିପରି କାର୍ଯ୍ୟ କରିବା ଉଚିତ୍ ତୁମ ନିଜ Under Standing ରୁ ଉତ୍ତର ଲେଖିବ।

### ୨୧.୨

(a) (II)

(b) (I)

(c) (II)

(d) (IV)

## ୨୧.୩

୧. ପ୍ରତିଯୋଗୀ, ମିଳିତ

୨.(୧) ଭାରତୀୟ ଜାତୀୟ କଂଗ୍ରେସ

(କ) ଗଣତନ୍ତ୍ର

(ଖ) ଜାତିଆଣଭାବ

(୨.) ଭାରତୀୟ ଜନତା ପାର୍ଟି

(କ) ଜାତୀୟତାବାଦ ଏବଂ ଜାତୀୟ ଏକତା

(ଖ) Gandhian Socialism ( ଗାନ୍ଧି ସମାଜବାଦ)

୩. (II)

୪. (I)

## ୨୧.୪

୧. ଚାପଗୋଷ୍ଠୀ ଗୋଟିଏ ସ୍ୱାର୍ଥପର ଗୋଷ୍ଠୀ ଯେଉଁମାନେ କି ସେମାନଙ୍କର ସ୍ୱାର୍ଥପୂରଣ ପାଇଁ ସରକାର ଏବଂ ନିଷ୍ପତ୍ତି କର୍ତ୍ତାଙ୍କ ଉପରେ ଚାପ ପକାଇଥାନ୍ତି। ଚାପଗୋଷ୍ଠୀ ସ୍ୱାର୍ଥୀଗୋଷ୍ଠୀଠାରୁ ଏହିପରି ଭିନ୍ନଯେ, ସେମାନେ ସରକାର କିମ୍ବା ନିଷ୍ପତ୍ତିକର୍ତ୍ତାଙ୍କୁ ପ୍ରଭାବିତ କରି ତିଷ୍ଠି ରହିପାରନ୍ତି। ଯେଉଁ ଦଳ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରି କିମ୍ବା ତାଙ୍କ ଉପରେ ଚାପପକାଇ ନିଜର ସ୍ୱାର୍ଥ ହାସଲ କରନ୍ତି ନାହିଁ ସେମାନେ ଚାପଗୋଷ୍ଠୀ ହୋଇପାରିବେ ନାହିଁ।

୨. (କ) ଚାପଗୋଷ୍ଠୀଙ୍କର ପ୍ରାରମ୍ଭରୁ ରାଜନୈତିକ ପ୍ରବୃତ୍ତି ନଥାଏ। ଉଦାହରଣ ସ୍ୱରୂପ ରାଷ୍ଟ୍ରୀୟ ସ୍ୱୟଂ ସଂଘ ଭାରତୀୟ ଜନତାପାର୍ଟିକୁ ସମର୍ଥନ ଦିଏ କିନ୍ତୁ ଏକ ବଡ ସାଂସ୍କୃତିକ ଅନୁଷ୍ଠାନ ଅଟେ। ରାଜନୈତିକ ଦଳ ଗୁଡିକ ଆରମ୍ଭରୁ ରାଜନୈତିକ ଅଟନ୍ତି।

(ଖ) ଚାପଗୋଷ୍ଠୀ ନିର୍ବାଚନରେ ଅଂଶଗ୍ରହଣ କରନ୍ତି ନାହିଁ। ସେମାନେ ନିଜ ପସନ୍ଦ ଅନୁସାରେ ରାଜନୈତିକ ଦଳକୁ ସମର୍ଥନ ଦିଅନ୍ତି। ରାଜନୈତିକ ଦଳ ପ୍ରାର୍ଥୀଚୟନ କରନ୍ତି, ନିର୍ବାଚନରେ ଅଂଶଗ୍ରହଣ କରନ୍ତି ଏବଂ ନିର୍ବାଚନ ପ୍ରଚାରରେ ଯୋଗ ଦିଅନ୍ତି।

୩. ଗଣତାନ୍ତ୍ରିକ ଶାସନ ବିଧିକୁ କାର୍ଯ୍ୟକାରୀ କରିବାରେ ଚାପଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେମାନେ ଆଲୋଚନା ସଭା ମାଧ୍ୟମରେ ଗୁରୁତର ଜନମତକୁ ପ୍ରଭାବିତ କରନ୍ତି। ଋପଗୋଷ୍ଠୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ତିନିଗୋଟି ଉପାୟ ହେଲା - ଅନୁରୋଧ, ପ୍ରଦର୍ଶନ ଓ ପ୍ରାର୍ଥନା (ନିବେଦନ)। ଉଦାହରଣ ସ୍ୱରୂପ Self-Employed Women's Association ମହିଳା ଶ୍ରମିକ ମାନଙ୍କର ଦାବି ପୁରଣ କରିବାପାଇଁ ସରକାରୀ ନୀତିକୁ ପ୍ରଭାବିତ କରିଛି। ମଜଦୁର କିଷାନ ଶକ୍ତି ସଂଗଠନ ଲୋକମାନଙ୍କ ଆନ୍ଦୋଳନକୁ ଆଗେଇ ନେଇଥିଲା ଯାହାର ଫଳରେ କି ସରକାର Right to Information ଉପରେ ଆଇନ ପ୍ରଣୟନ କଲେ।

# ୨୨

# ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକମାନଙ୍କର ଅଂଶଗ୍ରହଣ

କୌଣସି ଏକ ସମ୍ବାଦପତ୍ରର ସମ୍ପାଦକୀୟ ପଢୁଥିଲା ବେଳେ ବିଜୟ ଚିତ୍କାର କଲା, "ଭାରତ ଭଳି ଏକ ବିରାଟ ଓ ସଫଳ ଗଣତାନ୍ତ୍ରିକ ଦେଶର ବାସିନ୍ଦା ହୋଇ ମୁଁ ଭାରି ଆନନ୍ଦିତ"। ତା'ର ବାପା ରାମପାଲ ଆଶ୍ଚର୍ଯ୍ୟ ହୁଅନ୍ତି ଯେ, ଦେଶର ଗଣତାନ୍ତ୍ରିକ ପରମ୍ପରା ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ଅବସ୍ଥାରେ ବିଶେଷ ପରିବର୍ତ୍ତନ ଆଣିପାରି ନାହିଁ। ଏହା ସତ୍ୟ ଯେ, କୌଣସି ସରକାର ଲୋକଙ୍କ ମଙ୍ଗଳସାଧନ ନ କଲେ ତାହା ପରିବର୍ତ୍ତନ ହୋଇପାରିବ। ଏହା ଅନ୍ୟ ଦେଶ ପାଇଁ ଅସମ୍ଭବ ହେଲେ ବି ଆମ ପାଇଁ ସମ୍ଭବପର ହୋଇଛି।

ଭାରତୀୟମାନେ ଦୀର୍ଘଦିନ ଧରି ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଆସୁଛନ୍ତି। କେନ୍ଦ୍ର, ରାଜ୍ୟ ଓ ଆଞ୍ଚଳିକ ସ୍ତରରେ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରି ସରକାର ଗଠନ କରୁଛନ୍ତି। ଜନମତ ଗଣତନ୍ତ୍ରର ମୂଳପିଣ୍ଡ। ଜନମତକୁ ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ପ୍ରଦର୍ଶନ କରନ୍ତି। ଦେଶରେ ବିଭିନ୍ନ ସମସ୍ୟାକୁ ନେଇ ଭିନ୍ନ ଜନମତ ଦେଖାଯାଏ। ବାକ୍ ସ୍ୱାଧିନତା ଅସଲ ଗଣତନ୍ତ୍ରର ଚାବି କାଠି। ଏହା ସରକାରଙ୍କୁ ଠିକ୍ ବାଟରେ ପରିଚାଳିତ କରିବାରେ ସାହାଯ୍ୟ କରେ। ନିର୍ବାଚନ ପ୍ରକ୍ରିୟାରେ ଗଠନମୂଳକ ଜନମତର ପରିପ୍ରକାଶ ଗଣତନ୍ତ୍ରକୁ ଦିଗହରା କରେନାହିଁ।

## ଉଦ୍ଦେଶ୍ୟ

*ଏହି ଅଧ୍ୟାୟ ପଠନ ପରେ ତୁମେ -*

- ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକମାନଙ୍କର ଅଂଶଗ୍ରହଣର ଗୁରୁତ୍ୱକୁ ବର୍ଣ୍ଣନା କରିପାରିବ।
- ଜନମତର ଅର୍ଥ ଓ ଗୁରୁତ୍ୱକୁ ଉପଲବ୍ଧି କରିପାରିବ।
- ଜନମତକୁ ପ୍ରଭାବିତ କରୁଥିବା ସଂସ୍ଥାଗୁଡ଼ିକୁ ଚିହ୍ନଟ କରିପାରିବ।
- ଭାରତରେ ପ୍ରଚଳିତ ନିର୍ବାଚନ ପଦ୍ଧତିର ବର୍ଣ୍ଣନା କରିପାରିବ।
- ବିଭିନ୍ନ ନିର୍ବାଚନ ପ୍ରକ୍ରିୟା ବିଷୟରେ ଜ୍ଞାନ ଆହରଣ କରିବ।





- ଅସାଧୁ ନିର୍ବାଚନ ଓ ଏହାର ଦୂରୀକରଣ ବିଷୟରେ ମତାମତ ଦେଇପାରିବ।
- ବିଭିନ୍ନ ନିର୍ବାଚନ ପ୍ରକ୍ରିୟାର ଆବଶ୍ୟକ ସଂଶୋଧନରେ ଅଂଶଗ୍ରହଣ କରିବ।
- ସାର୍ବଜନୀନ ସାବାଳକ ମତଦାନ ଓ ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରିପାରିବ।

## ୨୨.୧ ଆମେ କିଭଳି ଅଂଶଗ୍ରହଣ କରୁ

ନିର୍ବାଚନରେ ଲୋକମାନେ କିଭଳି ଅଂଶଗ୍ରହଣ କରନ୍ତି ତୁମେ ଜାଣିଥିବ। ତୁମେ କେବେ ଅଂଶଗ୍ରହଣ କରିଛ ? ଆମେ ଭୋଟ ଦେଇ ପ୍ରତିନିଧି ବାଛୁ ଓ ସେମାନେ ସରକାର ଚଳାନ୍ତି ଓ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିଥାନ୍ତି। ନିର୍ବାଚନରେ ଜନସାଧାରଣଙ୍କର ଅଂଶଗ୍ରହଣ ଗଣତନ୍ତ୍ରକୁ ସମୃଦ୍ଧ କରେ। ଅଂଶଗ୍ରହଣ ଅର୍ଥ କେବଳ ନିର୍ବାଚନରେ ଅଂଶଗ୍ରହଣକୁ ବୁଝାଇ ନ ଥାଏ। ଲୋକମାନେ ବିଭିନ୍ନ କାର୍ଯ୍ୟକ୍ରମ ଯଥା:- ରାଜନୈତିକ ଦଳ ତରଫରୁ ପ୍ରତିନିଧିତ୍ୱ କରିବା, ସଭାସମିତି, ତର୍କ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ବୁଝାଇଥାଏ। ଲୋକମାନଙ୍କର ଅଂଶଗ୍ରହଣ ମୁଖ୍ୟତଃ ରାଜନୈତିକ ପୃଷ୍ଠଭୂମିରେ ମତଦାନକୁ ବିଶେଷ ଗୁରୁତ୍ୱ ଦେଇଥାଏ। ସରକାରଙ୍କ ନୀତିକୁ ସମର୍ଥନ ବା ସମାଲୋଚନା କରିବା ଦ୍ୱାରା ସେମାନଙ୍କ ପ୍ରତିନିଧିମାନଙ୍କର କାର୍ଯ୍ୟ ଅଧିକ ମାର୍ଜିତ ହୋଇଥାଏ ଓ ସେମାନେ ଲୋକଙ୍କ ଆଶା ଆଶଙ୍କା ପୂରଣ କରିବାରେ ସକ୍ଷମ ହୋଇଥାନ୍ତି।




### ତୁମପାଇଁ କାର୍ଯ୍ୟ ୨୨

ନିମ୍ନଲିଖିତ ପ୍ରଶ୍ନଗୁଡ଼ିକୁ ତିନୋଟି ଲୋକଙ୍କୁ ପଚାର ଯେଉଁମାନଙ୍କ ବୟସ ୧୮ କିମ୍ବା ତାଠାରୁ ଅଧିକ ହୋଇଥିବ । ସେମାନଙ୍କର ଉତ୍ତର ତଳେ ଦିଆଯାଇଥିବା ଟେବୁଲ ମଧ୍ୟରେ ଲେଖ।

| | ୧ମ ବ୍ୟକ୍ତି | ୨ୟ ବ୍ୟକ୍ତି | ୩ୟ ବ୍ୟକ୍ତି |
|---|---|---|---|
| ଗତ ନିର୍ବାଚନରେ ତୁମେ ଭୋଟ କାହିଁକି ଦେଇଛ ? କିମ୍ବା କାହିଁକି ନୁହେଁ ? | | | |
| ତୁମେ କୌଣସି ଦଳ କିମ୍ବା ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲ କି ? | | | |
| ଯଦି ନିର୍ବାଚିତ ପ୍ରତିନିଧି ତାଙ୍କର ପ୍ରତିଶୃତି ପୂରଣ କରିନଥିଲେ, ତୁମେ କୌଣସି ସମ୍ବାଦପତ୍ରରେ ମତାମତ ଦେଇ ନା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କଲ ? | | | |

## ୨୨.୨ ଜନମତ: ଅର୍ଥ, ଗୁରୁତ୍ୱ ଓ ଏହାର କାର୍ଯ୍ୟକାରୀ ସଂସ୍ଥା

ଗଣତନ୍ତ୍ରର ସଫଳତା ନିମନ୍ତେ ଉନ୍ନତ ଓ ସଚେତନ ଜନମତ ଅପରିହାର୍ଯ୍ୟ। ତୁମେ ଦେଖିଥିବ ଯେ, ବିଭିନ୍ନ ରାଜନୈତିକ ଦଳ ଓ ତାଙ୍କର କାର୍ଯ୍ୟକ୍ରମ ଉପରେ ଲୋକମାନେ ମତାମତ ପୋଷଣ କରନ୍ତି। ସେମାନେ ଟ୍ରେନ୍ ଭିତରେ, ବସଷ୍ଟାଣ୍ଡରେ ଓ ଅନ୍ୟାନ୍ୟ ସାଧାରଣ ସ୍ଥାନମାନଙ୍କରେ ଟେଲିଭିଜନ୍ ଓ ରେଡ଼ିଓରେ ମଧ୍ୟ ସରକାରରେ ଥିବା ଦଳ ବିଷୟରେ ବିଭିନ୍ନ ଟିପ୍ପଣୀ ଦିଅନ୍ତି। ଏହି ମତାମତ ଗଣତାନ୍ତ୍ରିକ ଚିନ୍ତାଧାରାକୁ ପ୍ରଭାବିତ କରିବା ସଙ୍ଗେ ସଙ୍ଗେ ସରକାରକୁ ଠିକଣା ବାଟରେ ପରିଚାଳିତ ହେବାପାଇଁ ଚାପ ସୃଷ୍ଟି କରିଥାଏ।

ଜନମତ, ଜନସାଧାରଣଙ୍କ ମତ। କିନ୍ତୁ ଜନସାଧାରଣଙ୍କର ସମସ୍ତ ମତ ଜନମତ ନୁହେଁ। ସର୍ବସାଧାରଣଙ୍କର ମଙ୍ଗଳ ବା ସମାଜର ସ୍ୱାର୍ଥ ସାଧନ ପାଇଁ ପ୍ରଦତ୍ତ ମତକୁ ଜନମତ କୁହାଯାଏ।

(କ) ସମାଜକୁ ପ୍ରଭାବିତ କରୁଥିବା ଲୋକମାନଙ୍କର ସାମୂହିକ ମତ।

(ଖ) ଜନମତ ଏକ ନିର୍ଦ୍ଦିଷ୍ଟ କାରଣ ଉପରେ ପର୍ଯ୍ୟବେସିତ।

(ଗ) ଏହା ସମଗ୍ର ମନୁଷ୍ୟ ସମାଜର ମଙ୍ଗଳକାରୀ ।

(ଘ) ସରକାରଙ୍କ ସମସ୍ତ ନିଷ୍ପତ୍ତି, ରାଜନୈତିକ ଦଳମାନଙ୍କ କାର୍ଯ୍ୟ ଓ ପ୍ରଶାସନର ଆଇନ ଜନମତ ଦ୍ୱାରା ପ୍ରଭାବିତ ହୁଏ ।

**? ତୁମେ ଜାଣ କି**

ଅଷ୍ଟାଦଶ ଶତାବ୍ଦୀରେ ବିଭିନ୍ନ ଦେଶମାନଙ୍କରେ ବି ଜନମତର ଗୁରୁତ୍ୱ ଥିଲା । ଜେରେମି ବେନ୍ଥାମ୍ ନାମକ ଜଣେ ବ୍ରିଟିଶ ଦାର୍ଶନିକ ଗଣତନ୍ତ୍ର ପାଇଁ ଜନମତର ଗୁରୁତ୍ୱ ଓ ଆବଶ୍ୟକତାର ଉତ୍କର୍ଷତା ପ୍ରତିପାଦନ କରିଯାଇଛନ୍ତି ।

### ୨୨.୨.୨ ଗଣତନ୍ତ୍ରରେ ଜନମତର ଗୁରୁତ୍ୱ

ଗଣତନ୍ତ୍ରରେ ଜନମତକୁ ଅବହେଳା ପ୍ରଦର୍ଶନ କରାଯାଇପାରିବ ନାହିଁ। ସରକାର ଜନମତକୁ ନେଇ ଚାଲେ ଓ ଜନମତର ବିଶ୍ୱାସ ଥିବା ପର୍ଯ୍ୟନ୍ତ ତିଷ୍ଠି ରହେ। ଯେ କୌଣସି ଗଣତନ୍ତ୍ର ସରକାର ବଳିଷ୍ଠ ଜନମତ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ଯଥା:-



ଟିପ୍ପଣୀ

୧. ସୁସ୍ଥ ଓ ସଚେତନ ଜନମତ ଏକଛତ୍ରବାଦୀ ଶାସକଙ୍କୁ ନିୟନ୍ତ୍ରଣ କରେ।

୨. ଏହା ଏଭଳି ପରମ୍ପରା ସୃଷ୍ଟିକରେ ଯେପରିକି ସରକାରଙ୍କର କୌଣସି ବିଭାଗ ଅନ୍ୟ ବିଭାଗ ଉପରେ କ୍ଷମତା ଜାହିର କରିପାରିବ ନାହିଁ।

୩. ଏହା ଲୋକଙ୍କ ଆଶା ଭରଷା ପୂରଣପାଇଁ ଏକ ଉତ୍ତରଦାୟୀ ପ୍ରକ୍ରିୟା ସୃଷ୍ଟି କରେ।

୪. ଲୋକମାନଙ୍କର ସ୍ୱାର୍ଥ ପାଇଁ ଆଇନ ପ୍ରଣୟନ କରିବାକୁ ସରକାରଙ୍କ ଉପରେ ଚାପ ସୃଷ୍ଟିକରେ।

୫. ଏହା ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ବିଚାରଧାରାକୁ ସମୃଦ୍ଧ କରେ।

୬. ଏହା ବ୍ୟକ୍ତି ସ୍ୱାଧିନତା, ସ୍ୱାତନ୍ତ୍ର୍ୟ ଓ ଅଧିକାରର ଜାଗ୍ରତ ପ୍ରହରୀ ଭଳି କାର୍ଯ୍ୟକରେ ଓ ଏହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଏ।

## ୨୨.୨.୩ ଜନମତ: ସୃଷ୍ଟିକାରୀ ସଂସ୍ଥା/ମାଧ୍ୟମ

ଜନମତ ଏକ ବ୍ୟକ୍ତି ବା ଗୋଷ୍ଠୀର ସାଧାରଣ ମତାମତ ନୁହେଁ। ଜନସାଧାରଣଙ୍କୁ ଉତ୍ସାହିତ ଓ ସଚେତନ କରି ଜନମତ ସୃଷ୍ଟି କରିବା ନିମନ୍ତେ କେତେକ ମାଧ୍ୟମର ଆବଶ୍ୟକତା ରହିଛି।



ଚିତ୍ର ୨୨.୨

୧. **ଗଣମାଧ୍ୟମ-** ଦୂରଦର୍ଶନ, ସମ୍ବାଦପତ୍ର ଓ ଆକାଶବାଣୀ ପ୍ରଭୃତି ଗଣମାଧ୍ୟମ ସେମାନଙ୍କର ପ୍ରଚାର ମାଧ୍ୟମରେ ବଳିଷ୍ଠ ଜନମତ ସୃଷ୍ଟି କରିଥାନ୍ତି। ଏହି ମାଧ୍ୟମଗୁଡ଼ିକ ଭିନ୍ନ ଭିନ୍ନ ପରିସରରୁ ମତାମତ ସଂଗ୍ରହ କରି ଉପଯୁକ୍ତ ବିଚାରଧାରା ପ୍ରୟୋଗ କରି ଅସଲି ନିଷ୍ପତ୍ତି ନେବାପାଇଁ ଜନସାଧାରଣଙ୍କ

ଉପରେ ପ୍ରଭାବ ପକାଇଥାନ୍ତି । ଏହା ଜନମତକୁ ସମସ୍ତଙ୍କ ନିକଟରେ ପହଞ୍ଚିବାର ସୁଯୋଗ ମଧ୍ୟ ସୃଷ୍ଟି କରେ ।

୨. **ବୈଦ୍ୟୁତିକ ମାଧ୍ୟମ-** ଚଳଚିତ୍ର, ଦୂରଦର୍ଶନ ମାଧ୍ୟମ ସବୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । କାରଣ ସେମାନେ ନିରକ୍ଷର ଓ ଅଜ୍ଞ ଲୋକଙ୍କ ପାଖରେ ଶୀଘ୍ର ପହଞ୍ଚିପାରନ୍ତି । ଦୁର୍ଗମ ଅଞ୍ଚଳ ଜନସାଧାରଣଙ୍କ ମତାମତକୁ ପ୍ରତିନିଧିମୂଳକ ମତାମତରେ ପରିଣତ କରି ଅନ୍ୟମାନଙ୍କ ନିକଟରେ ପହଞ୍ଚାଇଥାନ୍ତି ।

୩. **ରାଜନୈତିକ ଦଳଗୁଡ଼ିକ** ଜନମତ ସୃଷ୍ଟିର ପ୍ରମୁଖ ମାଧ୍ୟମ । ଏମାନେ ସାଧାରଣ ଲୋକମାନଙ୍କୁ ରାଜନୈତିକ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଅନେକ ଘଟଣା ଓ ଧାରଣା ବିଷୟରେ ପରିଚିତ କରେଇଥାନ୍ତି । ସଭାସମିତି, ଶୋଭାଯାତ୍ରା, ହରତାଳ, ବନ୍ଦ, ଧାରଣା, ପ୍ରତିବାଦ, ମତଦାନ ଓ କକ୍ଷତ୍ୟାଗ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ପ୍ରକୃତ ଜନମତର ପରିପ୍ରକାଶ କରନ୍ତି ।

୪. **ବ୍ୟବସ୍ଥାପିକା-** ସଂସଦ ଓ ବିଭିନ୍ନ ରାଜ୍ୟ ବ୍ୟବସ୍ଥାପକ ଗୃହରେ ସରକାରୀ ଓ ବିରୋଧୀ ଦଳ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରନ୍ତି । ଏହାର ଧାରା ବିବରଣୀ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ଓ ଅଜଣା ପ୍ରସଙ୍ଗ ଜନସାଧାରଣ ଜାଣିବାର ସୁଯୋଗ ପାଆନ୍ତି । ଉକ୍ତ ସ୍ଥାନମାନଙ୍କରେ ହେଉଥିବା ଆଲୋଚ୍ୟ ସମସ୍ୟା ଉପରେ ଏକ ବଳିଷ୍ଠ ଜନମତ ସୃଷ୍ଟି ହୁଏ ।

୫. **ଶିକ୍ଷାନୁଷ୍ଠାନ-** ବିଭିନ୍ନ ଶିକ୍ଷାନୁଷ୍ଠାନ ଉପଯୋଗୀ ଜନମତ ସୃଷ୍ଟି କରନ୍ତି । ବିଭିନ୍ନ ବିଦ୍ୟାଳୟ, କଲେଜ ଓ ବିଶ୍ୱବିଦ୍ୟାଳୟ ପ୍ରଭୃତି ଅନୁଷ୍ଠାନଗୁଡ଼ିକ ସାଧାରଣ ଶିକ୍ଷା ବ୍ୟତୀତ ଅନେକ କିଛି ରାଜନୈତିକ ଶିକ୍ଷାର ପ୍ରଭାବ ଆମ ଜୀବନରେ ପକାଇଥାନ୍ତି,ଯାହା ପରବର୍ତ୍ତୀ ସମୟରେ ଜନମତ ସୃଷ୍ଟି କରିବାରେ ସାହାଯ୍ୟ କରେ ।

## ୨୨.୨ ତୁମ ପାଇଁ କାର୍ଯ୍ୟ

ତୁମେ ରଙ୍ଗ ଦେ ବସନ୍ତି ଚଳଚିତ୍ର ନିଶ୍ଚୟ ଦେଖିଥିବ । ଏହା ୫ ଜଣ ଯୁବକଙ୍କ ବିଷୟରେ ଏକ ଗପ । ସେମାନଙ୍କର ବଂଧୁ ଏକ ଯୁଦ୍ଧ ବିମାନ ଦୁର୍ଘଟଣାରେ ମରିଯାଇଛନ୍ତି । ସରକାରୀ ସ୍ତରର ଦୁର୍ନିତୀ ଏହାର ମୂଳ କାରଣ । ଏହି ଘଟଣାରେ ୫ଜଣ ବଂଧୁ ବଂଧୁ ହତ୍ୟାର ପ୍ରତିଶୋଧ ପାଇଁ ହିଂସାର ପଥ ଆବୋରି ନେଇଛନ୍ତି ।

ଅନ୍ୟ ଏକ ଚଳଚିତ୍ର 'ଲଗେ ରହୋ ମୁନ୍ନାଭାଇ' ଗପରେ ଭୂତଳ ଦାଦା (ଡ଼ନ୍) ମହାତ୍ମା ଗାନ୍ଧୀଙ୍କ ସତ୍ତା ଅନୁଭବ କରିଛନ୍ତି । ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ନିକଟରେ ମୁନ୍ନାଭାଇ ସମସ୍ତ ଗାନ୍ଧିଗିରୀ କାର୍ଯ୍ୟ (ସତ୍ୟାଗ୍ରହ, ଅହିଂସା ଓ ସତ୍ୟ) ର ପଥକୁ ସାଧାରଣ ଜୀବନ କ୍ଷେତ୍ରରେ ଲଗାଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିଛନ୍ତି । ଉଭୟ ଚଳଚିତ୍ରର ହିରୋମାନେ ଅଲଗା ଅଲଗା ବାଟ ବାଛି ନେଇଛନ୍ତି ।

ତୁମେ ଉପରୋକ୍ତ ବାଟ ଦୁଇଟିରୁ କେଉଁଟିକୁ ପସନ୍ଦ କର ଓ କାହିଁକି ?

## ପାଠ୍ୟଗତ ପ୍ରଶ୍ନାବଳୀ ୨୨.୧

୧. ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଅର୍ଥ କ'ଣ ? ବର୍ଣ୍ଣନା କର ।


୨. ଜନମତ ଓ ଜନସାଧାରଣଙ୍କର ସ୍ୱର ଏକା କଥା ନୁହେଁ । କାରଣ ସହ ଲେଖ ।

୩. ଗଣତନ୍ତ୍ରରେ ଜନମତର ଗୁରୁତ୍ୱ ବିଷୟରେ ଆଲୋଚନା କର ।

୪. ଯେ କୌଣସି ୨ଟି ମାଧ୍ୟମ ବିଷୟରେ ଲେଖ ଯାହା ଜନମତ ସୃଷ୍ଟିରେ ସହାୟକ ହୁଏ । ତୁମ ମତରେ କେଉଁ ମାଧ୍ୟମଟି ଜନମତ ଉପରେ ଶକ୍ତିଶାଳୀ ପ୍ରଭାବ ପକାଇଥାଏ ।

## ୨୨.୩ ଭାରତର ନିର୍ବାଚନ

ନାଗରିକମାନେ ଲମ୍ବା ଧାଡ଼ିରେ ଠିଆହୋଇ ଭୋଟଗ୍ରହଣ କେନ୍ଦ୍ରରେ ଭୋଟ ଦେବାର ଦୃଶ୍ୟ ତୁମେ ନିଶ୍ଚୟ ଦେଖିଥିବ । ଆମ ଦେଶରେ ଲୋକସଭା, ବିଧାନସଭା ଓ ପଞ୍ଚାୟତସ୍ତରର ପ୍ରତିନିଧିମାନଙ୍କ ପାଇଁ ନିର୍ବାଚନ ହୋଇଥାଏ । ତୁମମାନଙ୍କ ଭିତରୁ କେହି ଏହି ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇଥାଇପାରନ୍ତି । ନିର୍ବାଚନ ହେଉଛି ପ୍ରତିଯୋଗୀମାନଙ୍କର ପ୍ରତିଯୋଗିତା, ଯେଉଁମାନେ ସଂସଦ, ବ୍ୟବସ୍ଥାପକ ଓ ପଞ୍ଚାୟତସ୍ତରୀୟର ସଭ୍ୟ ପଦ ପାଇଁ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିର୍ବାଚନର ସମ୍ମୁଖୀନ ହୋଇଥାନ୍ତି । ସମଗ୍ର ଦେଶ ବା ରାଜ୍ୟ କେତେକ ନିର୍ବାଚନମଣ୍ଡଳୀରେ ବିଭକ୍ତ ହୋଇଥାଏ ଓ ଏହି ନିର୍ବାଚନମଣ୍ଡଳୀରୁ ଜଣେ ପ୍ରତିନିଧି ଅଧିକ ସଂଖ୍ୟକ ଭୋଟ ପାଇ ନିର୍ବାଚିତ ହୁଅନ୍ତି ।




ଚିତ୍ର ୨୨.୩

ଭୋଟ ଗ୍ରହଣ କେନ୍ଦ୍ରର ଦୃଶ୍ୟ

### ତୁମେ ଜାଣ କି

**ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ** ଏକ ନିର୍ଦ୍ଦିଷ୍ଟ ସୀମା ଥିବା ଅଞ୍ଚଳ । ଏହା ସଂସଦ, ବ୍ୟବସ୍ଥାପକ ସଭ୍ୟ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନର ସଭ୍ୟମାନଙ୍କ ପାଇଁ ଅଲଗା ଭାବେ ନିର୍ଦ୍ଧାରଣ କରଯାଏ । ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଜଣେ ବ୍ୟକ୍ତି ପ୍ରତିନିଧିତ୍ୱ କରନ୍ତି ।

**ପ୍ରତ୍ୟେକ ପ୍ରାର୍ଥୀ** ପ୍ରାୟ ଜଣାଶୁଣା ନାଗରିକ ଓ ଏକ ନିର୍ଦ୍ଦିଷ୍ଟ ପଦବୀ ପାଇଁ ନିର୍ବାଚନରେ ପ୍ରତିଯୋଗୀତା କରନ୍ତି ।

**ରାଜନୈତିକ ଦଳର ଇସ୍ତାହାର** ଏକ ଦଳୀୟ ଦଲିଲ, ଏଥିରେ ଦଳର ବିଭିନ୍ନ ଭବିଷ୍ୟତ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ସୂଚନା ଥାଏ ।

## ୨୨.୩. ୧ ନିର୍ବାଚନର ଗୁରୁତ୍ୱ

ନିର୍ବାଚନ ଜନମତ ପରିପ୍ରକାଶର ଏକ ବଳିଷ୍ଠ ମାଧ୍ୟମ । ଗଣତାନ୍ତ୍ରିକ ସରକାର ଗଠନ ପ୍ରକ୍ରିୟାରେ ଭାଗ ନେବା ପାଇଁ ଏହା ଜନସାଧାରଣଙ୍କୁ ସୁଯୋଗ ଦିଏ । ଏହା ଜନମତକୁ ମାର୍ଜିତ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ସାଧାରଣ ସମସ୍ୟା ଉପରେ ଆଲୋକ ପାତ କରେ । ନିର୍ବାଚନ ମାଧ୍ୟମରେ ସାଧାରଣ ଜନତା ଯେ କୌଣସି ନିର୍ବାଚିତ ସରକାରକୁ ଆବଶ୍ୟକ ହେଲେ ପରିବର୍ତ୍ତନ କରି ଏକ ଉନ୍ନତ ପ୍ରଗତିଶୀଳ ସରକାର ଗଢ଼ିବାରେ ନିର୍ବାଚନ ପ୍ରକ୍ରିୟା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

### ତୁମପାଇଁ କାର୍ଯ୍ୟ ୨୨.୩

ମୁକୁନ୍ଦ ଦାସ ପାତ୍ରପୁର ନିର୍ବାଚନମଣ୍ଡଳୀରୁ ଦୁଇଥର ନିର୍ବାଚିତ ବ୍ୟବସ୍ଥାପକ । ସେ ଉତ୍ତର ପ୍ରଦେଶର ଏକ ଜଣାଶୁଣା ଆଞ୍ଚଳିକ ଦଳର ପ୍ରମୁଖ ସମସ୍ୟ । ସେ ସର୍ବଦା ବିଧାନସଭାରେ ଉପସ୍ଥାପିତ ଥାନ୍ତି । କିନ୍ତୁ ବିଧାନସଭାରେ ସେ କେବେ କୌଣସି ନିର୍ଦ୍ଦିଷ୍ଟ ବିଷୟ ଉପରେ ପ୍ରଶ୍ନ କରିନାହାନ୍ତି କି କୌଣସି ଆଲୋଚନାରେ ଅଂଶଗ୍ରହଣ କରିନାହାନ୍ତି । ତାଙ୍କର ବ୍ୟବସ୍ଥାପକ ପାଣ୍ଠିର କୋଟା ୬କୋଟି ଟଙ୍କାରୁ ଅଳ୍ପ ଟଙ୍କା ତାଙ୍କ ନିର୍ବାଚନମଣ୍ଡଳୀର ରାସ୍ତାଘାଟର ଉନ୍ନତି ଓ ବୁଣାଳୀ ଶ୍ରେଣୀର ଲୋକଙ୍କ ପାଇଁ ଖର୍ଚ୍ଚ କରିଛନ୍ତି ।

ଦେବୀକା ସେନ୍ ପଶ୍ଚିମବଙ୍ଗ ଦୁର୍ଗାପୁର ନିର୍ବାଚନମଣ୍ଡଳୀର ସ୍ୱାଧୀନ ବ୍ୟବସ୍ଥାପକ ସଦସ୍ୟ ଅଟନ୍ତି । ତାଙ୍କର ସେ ଅଞ୍ଚଳରେ ଗୋଟିଏ ଲୁଗା କାରଖାନା ଅଛି । ସେ ସର୍ବଦା ବିଧାନସଭାରେ ଉପସ୍ଥିତ ଥାନ୍ତି । ସେ ବେଳେବେଳେ ନାରୀମାନଙ୍କ ଅଧିକାରର ସୁରକ୍ଷା ଓ ବିଭିନ୍ନ ଶ୍ରମିକ ସଂଗଠନର ଭୂମିକା ସମ୍ପର୍କରେ ପ୍ରଶ୍ନ କରିଥାନ୍ତି । ସେ ତାଙ୍କର ବ୍ୟବସ୍ଥାପକ ପାଣ୍ଠି ୬କୋଟି ଟଙ୍କାରୁ ୪କୋଟି ଟଙ୍କା ନିଜ ଅଞ୍ଚଳର ବିଦ୍ୟାଳୟମାନଙ୍କ ଉନ୍ନତି ପାଇଁ ଖର୍ଚ୍ଚ କରିଛନ୍ତି ଓ ଅବଶିଷ୍ଟ ଦୁଇକୋଟି ରାସ୍ତା ଓ ମନୋରଞ୍ଜନ କେନ୍ଦ୍ରମାନଙ୍କର ବିକାଶ ପାଇଁ ମଧ୍ୟ ଖର୍ଚ୍ଚ କରିଛନ୍ତି ।

ଉପରୋକ୍ତ ସୂଚନା ଅନୁସାରେ ନିମ୍ନ ଟେବୁଲରେ ଦର୍ଶା ଯାଇଥିବା ଦୁଇ ବ୍ୟବସ୍ଥାପକ ସଭ୍ୟଙ୍କ ଭିତରୁ ତୁମେ କାହାକୁ ଭୋଟ ଦେବ ଓ କାହିଁକି ? ତୁମେ ଆଉ ମଧ ଦୁଇଟି କାରଣ ଦର୍ଶାଅ ଯାହାଦ୍ୱାରା କି ଦୁଇ ପ୍ରତିନିଧି ସେମାନଙ୍କ କାର୍ଯ୍ୟଶୈଳୀର ଉନ୍ନତି ଆଣି ପାରିବେ ।

| ପ୍ରାର୍ଥୀ | ଭୋଟ କାହାକୁ | ଉନ୍ନତି ପାଇଁ ପ୍ରସ୍ତାବ |
|---|---|---|
| ମୁକୁନ୍ଦ ଦାସ | ୧.<br>୨. | |
| ଦେବକୀ ସେନ୍ | ୧.<br>୨. | |
| କେହି ନୁହେଁ | - | |

## ୨୨.୩.୨ ନିର୍ବାଚନର ପ୍ରକାରଭେଦ

ସବୁ ସମୟରେ ଆମ ଦେଶରେ ନିର୍ବାଚନ ହୁଏନାହିଁ। ପ୍ରତ୍ୟେକ ପ୍ରକାରର ନିର୍ବାଚନ ଏକା ଭଳି ନୁହେଁ। ଆମ ଦେଶରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିର୍ବାଚନ ବ୍ୟବସ୍ଥା ରହିଛି। ପ୍ରତ୍ୟକ୍ଷ ନିର୍ବାଚନରେ ଜନସାଧାରଣ ସମସ୍ତ ବ୍ୟବସ୍ଥାପକ ସଭ୍ୟ, ସାଂସଦ ଓ ପଞ୍ଚାୟତସ୍ତରୀୟ ସଭ୍ୟମାନଙ୍କୁ ସିଧାସଳଖ ବ୍ୟାଲଟ୍ କାଗଜ ଜରିଆରେ ନିର୍ବାଚିତ କରିଥାନ୍ତି। କିନ୍ତୁ ପରୋକ୍ଷ ନିର୍ବାଚନରେ ଜନସାଧାରଣଙ୍କ ପ୍ରତିନିଧିମାନେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟସଭାର ସଦସ୍ୟମାନଙ୍କୁ ନିର୍ବାଚିତ କରିଥାନ୍ତି।

ଅନ୍ୟ ପ୍ରକାରେ ନିର୍ବାଚନକୁ ତିନିଭାଗରେ ବିଭକ୍ତ କରାଯାଇ ପାରେ। ଯଥା:- ସାଧାରଣ ନିର୍ବାଚନ, ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଓ ଉପନିର୍ବାଚନ। କାର୍ଯ୍ୟକାଳ ସମାପ୍ତିରେ ଯେଉଁ ନିର୍ବାଚନ ହୁଏ ତାକୁ ସାଧାରଣ ନିର୍ବାଚନ କୁହାଯାଏ। ଏହି ପରିପ୍ରେକ୍ଷୀରେ ରାଜ୍ୟ ବିଧାନସଭା, ଲୋକସଭା ଓ ଅନ୍ୟାନ୍ୟ ପଞ୍ଚାୟତସ୍ତରୀୟ ସଭ୍ୟ ପଦ ପାଇଁ ନିର୍ବାଚନ ହୁଏ। ନିର୍ଦ୍ଧାରିତ କାର୍ଯ୍ୟକାଳ ସମାପ୍ତି ପୂର୍ବରୁ ଲୋକସଭା ଓ ବିଧାନସଭା ଭଙ୍ଗ ହେଲେ ପୁନର୍ବାର ନିର୍ବାଚନର ଆବଶ୍ୟକତା ପଡ଼େ। ଏହାକୁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ କୁହାଯାଏ। ଉଦାହରଣ- ୧୯୯୧ ମସିହା ଲୋକସଭା ନିର୍ବାଚନ। ଯେତେବେଳେ କୌଣସି ନିର୍ବାଚନମଣ୍ଡଳୀର ସ୍ଥାନ ସଦସ୍ୟଙ୍କର ମୃତ୍ୟୁ ଇସ୍ତଫା ଦାନ ଦ୍ୱାରା କିମ୍ବା ନ୍ୟାୟାଳୟ ଦ୍ୱାରା ବାତିଲ କରାଯାଏ, ଏପରି ସ୍ଥଳେ, ସେ ଖାଲିସ୍ଥାନ ପୂରଣ ପାଇଁ ଯେଉଁ ନିର୍ବାଚନ କରାଯାଏ ତାହାକୁ ଉପ ନିର୍ବାଚନ କୁହାଯାଏ। ପି.ଭି. ନରସିଂହ ରାଓ ୧୯୯୧ ଉପନିର୍ବାଚନରେ ଆନ୍ଧ୍ରପ୍ରଦେଶରୁ ନିର୍ବାଚିତ ହୋଇଥିଲେ।

### ? ତୁମେ ଜାଣ କି

୧. ଆମ ଦେଶରେ ପ୍ରଥମ ସାଧାରଣ ନିର୍ବାଚନ ୧୯୫୨ ମସିହାରେ ଅନୁଷ୍ଠିତ ହୋଇଥିଲା। ସେହି ମସିହାଠାରୁ ୨୦୦୯ ମସିହା ମଧ୍ୟରେ ଲୋକସଭା ପାଇଁ ୧୫ ଟି ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଆସିଅଛି।

୨. ୧୯୮୦, ୧୯୯୧, ୧୯୯୮, ୧୯୯୯ ମସିହାର ସାଧାରଣ ନିର୍ବାଚନକୁ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ କୁହାଯାଉଛି।

୩. ଭାରତର ନିର୍ବାଚନ ଇତିହାସରେ କେବଳ ୧୯୭୭ ଲୋକସଭାର ନିର୍ବାଚନକୁ ଜରୁରୀକାଳୀନ ପରିସ୍ଥିତି ପାଇଁ ଦୁଇ ବର୍ଷ ସକାଶେ ଘୁଞ୍ଚାଇ ଦିଆଯାଇଥିଲା।

## ପାଠଗତ ପ୍ରଶ୍ନାବଳୀ ୨୨.୨

୧. ଭାରତୀୟ ଗଣତନ୍ତ୍ର ପାଇଁ ନିର୍ବାଚନ ଗୁରୁତ୍ୱପୂର୍ଣ୍ଣ, ବର୍ଣ୍ଣନା କର।

୨. ପ୍ରତ୍ୟକ୍ଷ ଓ ପରୋକ୍ଷ ନିର୍ବାଚନ କହିଲେ କ'ଣ ବୁଝ ?

୩. ଶୂନ୍ୟ ସ୍ଥାନ ପୂରଣ କର।

କ. ଯେଉଁ ନିର୍ବାଚନ ସମ୍ପୂର୍ଣ୍ଣ କାର୍ଯ୍ୟକାଳ ପରେ ଅନୁଷ୍ଠିତ ହୁଏ , ତାହାକୁ------- କୁହାଯାଏ ।

ଖ. କାର୍ଯ୍ୟକାଳ ଶେଷ ପୂର୍ବରୁ ଯେଉଁ ନିର୍ବାଚନ ହୁଏ, ତାହା------ ଅଟେ ।

ଗ. କୌଣସି ବ୍ୟବସ୍ଥାପକ ସଭ୍ୟଙ୍କ ମୃତ୍ୟୁ କିମ୍ବା ଇସ୍ତଫା ଦାନଦ୍ୱାରା ଖାଲି ପଡ଼ିଥିବା ସ୍ଥାନ ପାଇଁ ଅନୁଷ୍ଠିତ ନିର୍ବାଚନକୁ ----- କୁହାଯାଏ ।

## ୨୨.୪ ଭାରତରେ ନିର୍ବାଚନ ପ୍ରକ୍ରିୟା

ଆମ ଦେଶରେ ମତଦାନ ବହୁବାର ସଫଳ ଭାବେ ଅନୁଷ୍ଠିତ ହୋଇଛି। ତୁମେ ଚିନ୍ତା କରିଛ କି, ଏଭଳି ବିଶାଳ ଦେଶରେ ଏହା କିପରି ପରିଚାଳନା କରାଯାଏ ? କେଉଁମାନେ ଏହି ପ୍ରକ୍ରିୟାକୁ ତଦାରଖ କରନ୍ତି ଓ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରନ୍ତି ? କେଉଁମାନଙ୍କୁ ପ୍ରତ୍ୟାଗମ ଅଧିକାରୀ, ପିଠାସୀନ ଅଧିକାରୀ ଓ ମତଦାନ ଅଧିକାରୀ କୁହାଯାଏ ? ବାସ୍ତବିକ ଦେଶରେ ନିର୍ବାଚନ ପ୍ରକ୍ରିୟା ପରିଚଳନା ପାଇଁ ବ୍ୟାପକ କର୍ମଚାରୀ ନିୟୋଜିତ ହୁଅନ୍ତି। ଏ ବିଷୟରେ ଆମେ ଆଲୋଚନା କରିବା।

### ୨୨.୪. ଭାରତର ନିର୍ବାଚନ ଆୟୋଗ:

ଅବାଧ ଓ ନିରପେକ୍ଷ ନିର୍ବାଚନ ମାଧ୍ୟମରେ ଲୋକ ପ୍ରତିନିଧି ଚୟନ କରିବା, ଗଣତନ୍ତ୍ରର ଏକ ଅପରିହାର୍ଯ୍ୟ ଅଙ୍ଗ। ତେଣୁ ଭାରତୀୟ ସମ୍ବିଧାନ ପ୍ରଣେତାମାନେ ସର୍ବଭାରତୀୟ ସ୍ତରରେ ନିର୍ବାଚନ ଆୟୋଗ ନାମକ ଏକ ସ୍ୱୟଂଶାସିତ ସଂସ୍ଥାର ବ୍ୟବସ୍ଥା କରିଛନ୍ତି। ଏହି ସଂସ୍ଥା ଯଦିଓ ଲୋକସଭା ଓ ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ଦ୍ୱାରା ସୃଷ୍ଟି ନୁହେଁ, କିନ୍ତୁ ଏହା ଏକ ସାମ୍ବିଧାନିକ ବ୍ୟବସ୍ଥା। ଏହି ନିର୍ବାଚନ ଆୟୋଗରେ ଜଣେ ମୁଖ୍ୟ ନିର୍ବଚନ ଆୟୁକ୍ତ ରହିବେ, ତାହା ରାଷ୍ଟ୍ରପତି ସ୍ଥିର କରିବେ। ବର୍ତ୍ତମାନ ଆମ ଦେଶରେ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ଦୁଇଜଣ ନିର୍ବାଚନ ଆୟୁକ୍ତ ଦାୟିତ୍ୱ ବହନ କରିଛନ୍ତି।



ଚିତ୍ର ୨୨.୪ ନିର୍ବାଚନ ଆୟୁକ୍ତଙ୍କ କାର୍ଯାଳୟ

ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ସଦସ୍ୟ ଆୟୁକ୍ତମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ଏମାନେ ୬୫ ବର୍ଷ ବୟସ ପର୍ଯ୍ୟନ୍ତ ଏହି ପଦବୀରେ ରହିପାରିବେ। ଏମାନଙ୍କର କାର୍ଯ୍ୟକାଳ ୬ ବର୍ଷ ଅଟେ। ଦରମା ଓ ଚାକିରୀ ସର୍ତ୍ତାବଳୀ ଦୃଷ୍ଟିରୁ ସଦସ୍ୟମାନେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମାନଙ୍କ ସହ ସମାନ ମର୍ଯ୍ୟାଦା ଉପଭୋଗ କରନ୍ତି। ଆବଶ୍ୟକସ୍ଥଳେ, ମହାଭିଯୋଗ ପ୍ରକ୍ରିୟା ଦ୍ୱାରା ମୁଖ୍ୟ ଆୟୁକ୍ତ ପଦଚ୍ୟୁତ ହୋଇଥାନ୍ତି। କିନ୍ତୁ ଅନ୍ୟ ସଦସ୍ୟ ଆୟୁକ୍ତମାନଙ୍କୁ ରାଷ୍ଟ୍ରପତି ମୁଖ୍ୟ ଆୟୁକ୍ତଙ୍କ ପରାମର୍ଶ ଅନୁଯାୟୀ ପଦଚ୍ୟୁତ କରିବା ବ୍ୟବସ୍ଥା ରହିଛି।

## କ୍ଷମତା ଓ କାର୍ଯ୍ୟ:

୧. ଦେଶରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା।

୨. ନିର୍ବାଚନ ନାମାବଳୀ ଓ ସମ୍ପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟା ପର୍ଯ୍ୟବେକ୍ଷଣ, ନିର୍ଦ୍ଦେଶ ଓ ନିୟନ୍ତ୍ରଣ କରିବା।

୩. ରାଜନୈତିକ ଦଳମାନଙ୍କୁ ଜାତୀୟ କିମ୍ବା ଆଞ୍ଚଳିକ ଦଳ ହିସାବରେ ସ୍ୱୀକୃତି ଦେବା।

୪. ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ସଂକେତ ପ୍ରଦାନ କରିବା।

୫. ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ଦଳ ଓ ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ଆଚରଣ ବିଧି ଘୋଷଣା କରିବା।

୬. ନିର୍ବାଚନ ସମୟରେ ବିଭିନ୍ନ ଦଳ, କର୍ମଚାରୀ ଓ ପ୍ରାର୍ଥୀମାନଙ୍କ ଠାରୁ ମିଳୁଥିବା ବିବାଦୀୟ ଘଟଣାର ସମୀକ୍ଷା କରି ଉପଯୁକ୍ତ ସମାଧାନ କରିବା।

୭. ନିର୍ବାଚନ ପରିଚାଳନା ଓ ପ୍ରସ୍ତୁତି ପାଇଁ ଆବଶ୍ୟକୀୟ କର୍ମଚାରୀଙ୍କୁ ନିଯୁକ୍ତି ଦେବା।

୮. ଯଦି ଆବଶ୍ୟକ ହୁଏ, ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଘଟଣାବଳୀର ସରଳ ସମାଧାନ ସଂପର୍କରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା।

ନିର୍ବାଚନ ଆୟୋଗ ନିମ୍ନଲିଖିତ କର୍ମଚାରୀ, ଅଫିସରମାନଙ୍କ ସହାୟକରେ ନିର୍ବାଚନ ପରିଚାଳନା କରିଥାନ୍ତି।

## ୧. ନିର୍ବାଚନ ପଦସ୍ଥ କର୍ମଚାରୀ:

ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଆୟୋଗ ଅନେକ ପଦସ୍ଥ କର୍ମଚାରୀମାନଙ୍କର ସହାୟତା ନେଇଥାନ୍ତି। ରାଜ୍ୟସ୍ତରୀୟ  ସମସ୍ତ ନିର୍ବାଚନ କାର୍ଯ୍ୟ ଆୟୋଗ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ରାଜ୍ୟର ନିର୍ବାଚନ ପ୍ରକ୍ରିୟା ପାଇଁ ନିର୍ବାଚନ ଆୟୋଗ ଜଣେ ଦକ୍ଷ ପଦସ୍ଥ କର୍ମଚାରୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ପ୍ରତି ରାଜ୍ୟରେ ନିଯୁକ୍ତି ଦିଅନ୍ତି। ଏହା ବ୍ୟତୀତ ଜିଲ୍ଲା ନିର୍ବାଚନ ଅଧିକାରୀ, ରେଜିଷ୍ଟ୍ରେସନ୍ ପଦସ୍ଥ କର୍ମଚାରୀ ଓ ପ୍ରତ୍ୟାଗମ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ନିଯୁକ୍ତିଦିଅନ୍ତି। ନିର୍ବାଚନ ପ୍ରକ୍ରିୟାରେ ମୁଖ୍ୟତଃ ପ୍ରତ୍ୟାଗମ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି।

**ପ୍ରତ୍ୟାଗମ ଅଧିକାରୀ:** ପ୍ରତି ନିର୍ବାଚନମଣ୍ଡଳୀରେ ଜଣେ ରାଜ୍ୟ ସରକାରଙ୍କ ପଦସ୍ଥ କର୍ମଚାରୀଙ୍କୁ ନିର୍ବାଚନ ଆୟୋଗ ପ୍ରତ୍ୟାଗମ ଅଧିକାରୀ ଭାବେ ନିଯୁକ୍ତି ଦେଇଥାନ୍ତି । ଜଣେ ପଦସ୍ଥ କର୍ମଚାରୀ ଏକାଧିକ ନିର୍ବାଚନମଣ୍ଡଳୀ ଦାୟିତ୍ୱରେ ରହିବାର ବ୍ୟବସ୍ଥା ମଧ୍ୟ ରହିଛି । ଏହି ପଦସ୍ଥ କର୍ମଚାରୀ ପ୍ରାର୍ଥୀମାନଙ୍କ ନାମାଙ୍କନ ପତ୍ର ଯାଞ୍ଚ କରିବା, ନିର୍ବାଚନ ସଂକେତ ପ୍ରଦାନ କରିବା, ଭୋଟ ଗଣତି ଓ ଫଳାଫଳ ଘୋଷଣା ପରି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଶୃଙ୍ଖଳାର ସହ ସମାପନ କରିଥାନ୍ତି।

ଟିପ୍ପଣୀ

**ପୀଠାସୀନ ଅଧିକାରୀ:** ପ୍ରତି ନିର୍ବାଚନମଣ୍ଡଳୀରେ ଅନେକ ଭୋଟଗ୍ରହଣ କେନ୍ଦ୍ର ଥାଏ। ପ୍ରତି ମତଦାନ କେନ୍ଦ୍ରରେ ପ୍ରାୟ ୮୦୦-୧୦୦୦ ପର୍ଯ୍ୟନ୍ତ ମତଦାତା ଥାଆନ୍ତି। ଏହି କେନ୍ଦ୍ର ଜଣେ ପଦସ୍ଥ କର୍ମଚାରୀଙ୍କ ଦାୟିତ୍ୱରେ ଥାଏ। ତାଙ୍କୁ ପୀଠାସୀନ ଅଧିକାରୀ କହନ୍ତି। ସେ ଭୋଟଦାନ କେନ୍ଦ୍ରର ସମସ୍ତ କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରନ୍ତି। ମତଦାନ କେନ୍ଦ୍ରରେ ପ୍ରତ୍ୟେକ ମତଦାତାମାନେ ମତଦାନର ଯେପରି ସହଜ ସୁଯୋଗ ପାଆନ୍ତି ତାହା ପୀଠାସୀନ ଅଧିକାରୀଙ୍କ ଦାୟିତ୍ୱ ଅଟେ। ମତଦାନ ସମାପ୍ତ ପରେ ପ୍ରତ୍ୟେକ ବ୍ୟାଲଟ୍ ବାକ୍ସକୁ ଜଉମୁଦ କରି ପୀଠାସୀନ ଅଧିକାରୀ ପ୍ରତ୍ୟାଗମ ଅଧିକାରୀଙ୍କୁ ହସ୍ତାନ୍ତର କରନ୍ତି।

**ମତଦାନ ଅଧିକାରୀ :** ପ୍ରତ୍ୟେକ ପୀଠାସୀନ ଅଧିକାରୀଙ୍କୁ ନିର୍ବାଚନ ପ୍ରକ୍ରିୟାରେ ତିନି କିମ୍ବା ଚାରି ଜଣ କର୍ମଚାରୀ ସହଯୋଗ କରିଥାନ୍ତି। ଏମାନଙ୍କୁ ମତଦାନ ଅଧିକାରୀ କୁହାଯାଏ। ଏହି ଅଧିକାରୀମାନେ ମତଦାତାମାନଙ୍କ ସୂଚୀ ତଦାରଖ କରିବା, ମତଦାନ ଦେବାର ସଂକେତ ସ୍ୱରୂପ ପୁରୁଷମାନଙ୍କର ବାମ ହାତ ଓ ମହିଳାମାନଙ୍କ ଦକ୍ଷିଣ ହସ୍ତର ଅଗ୍ର ଆଙ୍ଗୁଳିରେ ଅଲିଭା କାଳି ଚିହ୍ନ ନେବା ଓ ମତଦାନ ପତ୍ରକୁ ଯଥାରୀତି ଭାଙ୍ଗି ମତଦାତାମାନଙ୍କୁ ଦେବା ପ୍ରଭୃତି କାର୍ଯ୍ୟ କରିଥାନ୍ତି।

**? ତୁମେ ଜାଣ କି**

୧. ନିର୍ବାଚନରେ କୌଣସି ମତଦାତାଙ୍କ ନାମରେ ଅନ୍ୟ ଜଣେ ମତଦାତା ମତଦାନ କରିବା ଘଟଣା ଘଟିଥାଏ। ଏହାକୁ (impersonation) କୁହାଯାଏ। ଏଭଳି ସମସ୍ୟା ଦୂର କରିବା ପାଇଁ ପ୍ରତ୍ୟେକ ମତଦାତାଙ୍କୁ ମତଦାନ ସମୟରେ ସେମାନଙ୍କ ପରିଚୟ ପତ୍ର ପ୍ରମାଣ ପାଇଁ, ଭୋଟ ପରିଚୟ ପତ୍ର ଆଣିବା ନିମନ୍ତେ କୁହାଯାଇଥାଏ।

୨. ଅଲିଭା କାଳି ସହଜରେ ଲିଭେ ନାହିଁ। ଏହା ମତଦାନ ସମୟରେ ମତଦାତାଙ୍କ ବାମ କିମ୍ବା ଦକ୍ଷିଣ ଅଗ୍ର ଅଙ୍ଗୁଳିରେ (ପୁରୁଷ ଓ ମହିଳା ପାଇଁ ଯଥାକ୍ରମେ ବାମ ଓ ଦକ୍ଷିଣ ହସ୍ତ) ଲଗାଇ ଦିଆଯାଏ। ଏହାଦ୍ୱାରା ମତଦାତାମାନେ ପୁନର୍ବାର ମତଦାନ କରିପାରିବେ ନାହିଁ।

## ୨. ଭାରତରେ ନିର୍ବାଚନ ପ୍ରକ୍ରିୟା :

ନିର୍ବାଚନ ପ୍ରକ୍ରିୟା ଦୀର୍ଘ ସମୟ ସାପେକ୍ଷ କାର୍ଯ୍ୟ ଓ ଏହା ବିଭିନ୍ନ ସ୍ତର ଦେଇ କାର୍ଯ୍ୟକାରୀ ହୁଏ। ଉକ୍ତ ସ୍ତରଗୁଡ଼ିକର ଆଲୋଚନା ନିମ୍ନରେ ଦିଆଗଲା।

୧. ନିର୍ବାଚନମଣ୍ଡଳୀଗୁଡ଼ିକର ସୀମା ନିର୍ଦ୍ଧାରଣ କରିବା ନିର୍ବାଚନ ପ୍ରକ୍ରିୟାର ପ୍ରଥମ କାର୍ଯ୍ୟ। ଏହା ପୃଥକରଣ ଆୟୋଗଙ୍କ ଦ୍ୱାରା କରାଯାଇଥାଏ।

୨. ନିର୍ବାଚନ ପରିଚାଳନା ପାଇଁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀର ପୃଥକ୍ ଭୋଟର ତାଲିକା ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ କରାଯାଏ।

୩. ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କର ବିଜ୍ଞପ୍ତି ଜାରିପରେ ନିର୍ବାଚନ ଆୟୋଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରନ୍ତି।

୪. ନିର୍ବାଚନ ଆୟୋଗଙ୍କ ଦ୍ୱାରା ଘୋଷିତ ମତଦାନ କାର୍ଯ୍ୟକ୍ରମରେ, ମନୋନୟନ ପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର, ମତଦାନ ସମୟ, ଦିନ ଓ ତାରିଖ, ଭୋଟ ଗଣତି ଓ ଫଳାଫଳ ଘୋଷଣା ପ୍ରଭୃତି ସ୍ଥାନ ପାଇଥାଏ।

୫. ବିଭିନ୍ନ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କୁ ନିର୍ବାଚନ ସଂକେତମାନ ନିର୍ବାଚନ ଆୟୋଗ ପ୍ରଦାନ କରନ୍ତି।

୬. ପ୍ରତ୍ୟେକ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିର୍ଦ୍ଧିଷ୍ଟ ସମୟ ସୀମା ଭିତରେ ସେମାନଙ୍କର ପ୍ରଚାର, ସଭା ସମିତି କାର୍ଯ୍ୟକ୍ରମ ଶେଷ କରିଥାନ୍ତି।

୭. ଯଦି ଆବଶ୍ୟକ ହୁଏ, କୌଣସି ନିର୍ବାଚନମଣ୍ଡଳୀ କିମ୍ବା ଏହାର କିଛି ଅଂଶରେ ପୁନଃ ମତଦାନ ପାଇଁ ଆୟୋଗ ଆଦେଶ ଦିଅନ୍ତି।


୮. ଦୁର୍ଭାଗ୍ୟବଶତଃ ଯଦି କୌଣସି ପ୍ରାର୍ଥୀ ମନୋନୟନ ପତ୍ର ପ୍ରତ୍ୟାହାର କରିବାର ସମୟ ସୀମା ପରେ ଅଥବା ନିର୍ବାଚନ ପୂର୍ବରୁ ମୃତ୍ୟୁବରଣ କରନ୍ତି, ତେବେ ନିର୍ବାଚନକୁ ଆୟୋଗ ସ୍ଥଗିତ ରଖନ୍ତି।

୯. ନିର୍ବାଚନ ସମ୍ବନ୍ଧୀୟ ବିବାଦ ଯଥା- ପ୍ରାର୍ଥୀଙ୍କ ମନୋନୟନ ପତ୍ରର ଅଯଥା ଅଗ୍ରାହ୍ୟ, ନିର୍ବାଚନ ସମୟରେ ଦୁର୍ନୀତିର ଆଶ୍ରୟ ନେବା, ମତାଦାତାମାନଙ୍କୁ ଲାଞ୍ଚର ପ୍ରଲୋଭନ ଦେଖାଇ ଭୋଟ କିଣାବିକା କରିବା, ସରକାରୀ କଳର ଅପବ୍ୟବହାର କରିବା ପ୍ରଭୃତି ଅନିୟମିତତା ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ପରିସରଭୁକ୍ତ ଅଟେ।

**୨୨.୪.୨** ମତଦାନ ଦିନ ଭୋଟ ଗ୍ରହଣ କେନ୍ଦ୍ରମାନଙ୍କରେ ଭିଡ଼ ଲାଗି ରହିବା ଦୃଶ୍ୟକୁ ତୁମେ ନିଶ୍ଚୟ ଦେଖିଥିବ। ପ୍ରତ୍ୟେକ ମତଦାତାମାନେ ଭୋଟଗ୍ରହଣ କେନ୍ଦ୍ରକୁ ଯାଇ ଧାଡ଼ିରେ ଠିଆହୋଇ ମତଦାନ ପାଇଁ ଅପେକ୍ଷା କରିଥାନ୍ତି। ପ୍ରଥମ ମତଦାନ ଅଧିକାରୀଙ୍କ ନିକଟରେ ମତାଦାତାମାନଙ୍କ ପରିଚୟ ସାବ୍ୟସ୍ତ ହୋଇସାରିବା ପରେ ସେମାନଙ୍କୁ ୨ୟ ମତଦାନ ଅଧିକାରୀଙ୍କ ନିକଟରେ ଅଲିଭା କାଳି ବାମ କିମ୍ବା ଦକ୍ଷିଣ ହସ୍ତ ଅଗ୍ର ଅଙ୍ଗୁଳିରେ ଲଗାଇ ଦିଆଯାଏ। ପୁରୁଷମାନଙ୍କ ପାଇଁ ବାମ ହସ୍ତ ଓ ମହିଳାମାନଙ୍କ ପାଇଁ ଦକ୍ଷିଣ ହସ୍ତ ଅଙ୍ଗୁଳି ବ୍ୟବହାର ହୁଏ। ଏହାପରେ ତୃତୀୟ ମତଦାନ ଅଧିକାରୀ ମତଦାତାଙ୍କୁ ମତଦାନ ପତ୍ର ଯଥାରୀତି ଭାଙ୍ଗି ପ୍ରଦାନ କରନ୍ତି। ମତଦାତାମାନେ ମତଦାନ ପାଇଁ ଉଦ୍ଦିଷ୍ଟ ଘେର (Compartment) ମଧ୍ୟକୁ ଯାଇ ସେମାନଙ୍କ ପସନ୍ଦର ପ୍ରାର୍ଥୀଙ୍କୁ ମତଦାନ କରନ୍ତି। ବର୍ତ୍ତମାନ ମତଦାନ ପାଇଁ ମତଦାନ ପତ୍ର ବ୍ୟବହାର ପରିବର୍ତ୍ତେ ମତଦାନ ମେସିନ୍ (EVM) ବ୍ୟବହାର କରାଯାଉଛି। ଏଥିରେ ପ୍ରାର୍ଥୀଙ୍କ ନାମ ଓ ତାଙ୍କ ନିର୍ବାଚନ ସିଧାରେ ଥିବା ବୋତାମ ଟିପିଲେ ସେହି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦରଜ ହୁଏ।



**ଚିତ୍ର : ୨୨.୬ ର EVM ର ଚିତ୍ର**



ମତଦାନ ପ୍ରକ୍ରିୟାରେ ମତଦାନକୁ ଯଥାସମ୍ଭବ ଗୁପ୍ତ ରଖାଯାଇଥାଏ। ମତଦାନ ପରେ ସମସ୍ତ ମତଦାନ କେନ୍ଦ୍ରର ମତଦାନ ବାକ୍ସକୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସୁରକ୍ଷିତ ଭାବେ ରଖାଯାଇଥାଏ। ଭୋଟଗଣତି ଦିନ ନିର୍ବାଚନମଣ୍ଡଳୀର ସମସ୍ତ ମତଦାନ ପତ୍ରକୁ ଏକତ୍ର କରି ଗଣନା କାର୍ଯ୍ୟ କରାଯାଏ। ଯେଉଁ ପ୍ରାର୍ଥୀ ସର୍ବାଧିକ ସଂଖ୍ୟକ କାଏମ୍ ଭୋଟ ପାଇଥାନ୍ତି, ତାଙ୍କୁ ବିଜୟୀ ବୋଲି ଘୋଷଣା କରାଯାଏ।

## ? ତୁମେ ଜାଣ କି

ମତଦାନ ପତ୍ର (Ballot paper) ରେ ସମସ୍ତ ପ୍ରତିଯୋଗୀ ପ୍ରାର୍ଥୀଙ୍କ ନାମ ଓ ନିର୍ବାଚନ ସଂକେତ ଥାଏ। ମତଦାତାମାନେ ସେମାନଙ୍କର ପସନ୍ଦର ପ୍ରାର୍ଥୀଙ୍କୁ ଏହି ମତଦାନ ପତ୍ର ମାଧ୍ୟମରେ ପସନ୍ଦ କରିଥାନ୍ତି। ଉକ୍ତ ମତଦାନକୁ ଗୁପ୍ତ ରଖିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ରହିଛି।

EVM ଯନ୍ତ୍ର ପ୍ରଯୁକ୍ତ ବିଦ୍ୟାର ଏକ ଉପକରଣ ଅଟେ। ଏହା ମତଦାନ ପତ୍ର ପରିବର୍ତ୍ତେ ମତଦାନ ପାଇଁ ବ୍ୟବହାର କରାଯାଉଛି। ଏହା ପ୍ରଥମେ ୧୯୮୨ ମସିହାରେ କେରଳର ପାରୁର୍ ନିର୍ବାଚନମଣ୍ଡଳୀରେ ୫୦ଟି ମତଦାନ କେନ୍ଦ୍ରରେ ବ୍ୟବହାର କରାଯାଇଥିଲା। ୨୦୦୪ ସାଧାରଣ ନିର୍ବାଚନରେ, ଆମ ଦେଶରେ ଉକ୍ତ EVM ଯନ୍ତ୍ରକୁ (ପ୍ରାୟ ୧୦.୭୫ ଲକ୍ଷ) ବ୍ୟବହାର କରାଯାଇଥିଲା।

## ପାଠଗତ ପ୍ରଶ୍ନାବଳୀ ୨୨.୩

୧. ନିର୍ବାଚନମଣ୍ଡଳୀ ଆୟୋଗ କିପରି ଗଠିତ ହୁଏ ?

୨. ତୁମ ମତରେ, ନିର୍ବାଚନ ଆୟୋଗଙ୍କ କେଉଁ ୨ଟି କାର୍ଯ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ?

୩. ରାଜ୍ୟସ୍ତରରେ କେଉଁ ଅଧିକାରୀମାନେ ମୁଖ୍ୟ ଅଟନ୍ତି ?

୪. ତୁମକୁ ଯଦି ଜଣେ ପ୍ରତ୍ୟାଗମ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଏ, ତୁମର କାର୍ଯ୍ୟ ଶୈଳୀ ମୁକ୍ତ ଓ ନିରପେକ୍ଷ ହେବା ପାଇଁ, ତୁମେ କିପରି ଯତ୍ନବାନ ହେବ ?

୫. ଭାରତର ନିର୍ବାଚନ ପ୍ରକ୍ରିୟାର କେଉଁ ୫ଟି ସ୍ତର ମୁଖ୍ୟ ଅଟେ ? ବର୍ଣ୍ଣନା କର ।

## ୨୨.୫ ନିର୍ବାଚନ ପ୍ରକ୍ରିୟାରେ ଜନସାଧାରଣଙ୍କ ଅଂଶଗ୍ରହଣ ଓ ନିର୍ବାଚନ ସଂସ୍କାର

ଉପରଲିଖିତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ନିର୍ବାଚନରେ ଜନସାଧାରଣଙ୍କ ଅଂଶଗ୍ରହଣ ଗଣତନ୍ତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ । ନିର୍ବାଚନ ପ୍ରକ୍ରିୟା ମାଧ୍ୟମରେ ଲୋକମାନେ ରାଜନୈତିକ ଅଭିଳାଷଗୁଡ଼ିକର ପୂରଣ ପାଇଁ ଉଦ୍ୟମ କରନ୍ତି। ଭାରତରେ ମୋଟାମୋଟି ଭାବେ ଏକ ସୁସ୍ଥ ନିର୍ବାଚନ ପରମ୍ପରା ଦେଖିବାକୁ ମିଳୁଥିଲେ ମଧ୍ୟ ନିର୍ବାଚନରେ କିଛି ପ୍ରକ୍ରିୟାଗତ ତ୍ରୁଟି ରହିଛି। ନିର୍ବାଚନରେ ଲୋକମାନଙ୍କର ଅଂଶଗ୍ରହଣର ଯଥାର୍ଥତା ବିଷୟ ନିମ୍ନରେ ଆଲୋଚନା କରାଯାଇଛି। ଉକ୍ତ ଆଲୋଚନାରେ ମଧ୍ୟ କେତେକ ନିର୍ବାଚନ ସଂସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି।

### ୨୨.୫.୧ ସାର୍ବଜନୀନ ସାବାଳକ ମତଦାନ ଅଧିକାର

ସାର୍ବଜନୀନ ସାବାଳକ ମତଦାନ ଅଧିକାର ପାଇଁ, ନିର୍ବାଚନ ପ୍ରକ୍ରିୟା ଗଣତନ୍ତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ଅଟେ। ଗଣତନ୍ତ୍ରରେ ଜନସାଧାରଣ ସର୍ବୋଚ୍ଚ କ୍ଷମତାର ଅଧିକାରୀ। ପ୍ରତିନିଧି ମାନଙ୍କୁ ନିର୍ବାଚିତ କରିବାର ଅଧିକାର ସେମାନଙ୍କର ଅଛି, ଯାହାକୁ ମତଦାନ ଅଧିକାର କୁହାଯାଏ। ଏହି ଅଧିକାର ଗ୍ରେଟ୍ ବ୍ରିଟେନରେ ୧୯୨୮ ମସିହାରେ ଜନସାଧାରଣଙ୍କୁ ପ୍ରଦାନ କରାଯାଇଥିଲା। ଗଣତନ୍ତ୍ରର ଜନ୍ମଦାତା ସ୍ୱିଜରଲାଣ୍ଡରେ ବହୁ ବିଳମ୍ବରେ ୧୯୭୨ ମସିହାରେ ଏହା ପ୍ରଚଳନ କରାଗଲା। ଆମ ଦେଶରେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଆରମ୍ଭ ଦିନ ଠାରୁ ଉକ୍ତ ମତଦାନ ଅଧିକାର ବ୍ୟବସ୍ଥା ନିର୍ବଚନ ପ୍ରକ୍ରିୟାର ଅଂଶ ବିଶେଷ ଭାବେ ପରିଗଣିତ ହେଉଛି।

ଆମ୍ଭେ ସାର୍ବଜନୀନ ସାବାଳକ ମତଦାନ ଅଧିକାରର ଅର୍ଥ ବିଷୟରେ ଆଲୋଚନା କରିବା। ସାର୍ବଜନୀନ ଅର୍ଥ ଏକ ନିର୍ଦ୍ଦିଷ୍ଟ ବୟସର ନାଗରିକ ଓ ମତଦାନର ଅର୍ଥ ନାଗରୀକମାନଙ୍କ ଭୋଟ ଦେବାର ଅଧିକାରକୁ ବୁଝାଇଥାଏ। ଏଣୁ ସାର୍ବଜନୀନ ମତଦାନ ଅଧିକାର ଅର୍ଥ ପ୍ରତ୍ୟେକ ବୟସ୍କ ପୁରୁଷ ଓ ମହିଳା ବିନା ବାଛ ବିଚାରରେ ଯେଉଁ ମତଦାନ ଅଧିକାରକୁ ଉପଭୋଗ କରନ୍ତି।

### ତୁମେ ଜାଣ କି

୧. ଭାରତର ସାବାଳକ ମତଦାନ ଅଧିକାରର ସର୍ବନିମ୍ନ ବୟସ ସୀମା କେତେ, ତୁମେ ଜାଣକି ? ଏହା ୧୮ ବର୍ଷ ଅଟେ । ୧୮୯୩ ମସିହାରେ ନିୟୁଜିଲାଣ୍ଡ ଓ ୧୯୦୬ ମସିହାରେ ଫିନ୍‌ଲାଣ୍ଡ ଏହି ଅଧିକାର ଜନସାଧାରଣଙ୍କୁ ପ୍ରଦାନ କରିଥିଲେ ।

୨. ସାର୍ବଜନୀନ ସାବାଳକ ମତଦାନ ଅଧିକାର ୧୯୧୯ ମସିହାରେ ଜର୍ମାନୀରେ, ସ୍ୱିଡ଼େନରେ ୧୯୨୦ , ଓ ଫ୍ରାନସ୍‌ରେ ୧୯୪୫ ମସିହାରେ ପ୍ରବର୍ତ୍ତନ କରାଯାଇଥିଲା । ଏହା ରାଜନୈତିକ ସମତାର ପ୍ରତିକ । ଜଣେ ନାଗରିକ ଖଣ୍ଡିଏ ଭୋଟ ଦେବେ । ମତଦାନ, ବ୍ୟକ୍ତି ବିଶେଷର ସ୍ୱାତନ୍ତ୍ର୍ୟ, ସ୍ୱାଧିନତା ଓ ଅଧିକାରର ରକ୍ଷା କବଚ ସଦୃଶ୍ୟ କାମ କରେ ।

ମତଦାନ ଅଧିକାରର ବୟସ ସୀମା ବିଭିନ୍ନ ଦେଶରେ ବିଭିନ୍ନ ପ୍ରକାର ଅଛି । ଭାରତ, ଚୀନ, ଯୁକ୍ତରାଜ୍ୟ, ଗ୍ରେଟ୍ ବ୍ରିଟେନ ଓ ଋଷିଆ ପ୍ରଭୃତି ଦେଶରେ ଉକ୍ତ ବୟସ ସୀମା ୧୮ ବର୍ଷ ଅଟେ । ଇରାନରେ ୧୫ ବର୍ଷ, ବ୍ରାଜିଲରେ ୧୬ବର୍ଷ, ଇଣ୍ଡୋନେସିଆ, କୋରିଆ ଓ ସୁଦାନରେ ଏହା ୧୭ବର୍ଷ ଅଟେ । ଜାପାନରେ ୨୦ବର୍ଷ, କୁଏତ, ଲେବାନନ ପ୍ରଭୃତି ଦେଶମାନଙ୍କରେ ଏହା ୨୧ବର୍ଷ ଅଟେ କିନ୍ତୁ ଉଜ୍‌ବେକିସ୍ତାନରେ ସର୍ବନିମ୍ନ ବୟସ ୨୫ବର୍ଷ ଅଟେ ।

## ୨୨.୫.୨ ନିର୍ବାଚନ ସଂସ୍କାର

ଭାରତର ନିର୍ବାଚନ ପ୍ରକ୍ରିୟା ମୁଖ୍ୟତଃ ସାର୍ବଜନୀନ ସାବାଳକ ମତଦାନ ଦ୍ୱାରା ନିୟନ୍ତ୍ରିତ ହେଉଛି । ଏହା ଦ୍ୱାରା ସୁସ୍ଥ ଓ ନିରପେକ୍ଷ ମତଦାନ ସମ୍ଭବପର ହେଉଛି । ସମୟେ ସମୟେ ନିର୍ବାଚନରେ ଅନେକ ଆଚରଣଗତ ତୃଟି ଦେଖାଯାଏ । ନିମ୍ନରେ ସେଗୁଡ଼ିକର ବର୍ଣ୍ଣନା ସହ ଆବଶ୍ୟକୀୟ ସଂସ୍କାର ପ୍ରସ୍ତାବମାନ ବିଷୟରେ ଆଲୋଚନା କରାଯାଇଛି ।

ଅତୀତରେ ନିର୍ବାଚନ ପ୍ରକ୍ରିୟାରେ ଅନେକ ଦୋଷ ତୃଟି ପରିଲକ୍ଷିତ ହୋଇଛି । ମତଦାନ ବାକ୍ସ ଜବରଦସ୍ତ ଉଠାଇନେବା, ଏକ ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀଙ୍କୁ ଭୋଟଦେବା ପାଇଁ ବାଧ୍ୟ କରିବା, ଅର୍ଥଲୋଭ ଦେଖାଇ ମତଦାତାଙ୍କୁ ପ୍ରଭାବିତ କରିବା ଓ ରାଜନୈତିକ ସ୍ୱାର୍ଥ ପାଇଁ ଯେ କୌଣସି ହିଂସାତ୍ମକ ପନ୍ଥାର ଆଶ୍ରୟ ନେଇ ନିର୍ବାଚନରେ ବିଜୟ ହେବା ପ୍ରଭୃତି ଅନ୍ୟାୟ ଓ ବେଆଇନ ଚିନ୍ତାଧାରା ନିର୍ବାଚନ ପ୍ରକ୍ରିୟାକୁ ଦୁର୍ବଳ କରିଦେଇଛି ।




ଚିତ୍ର ୨୨.୭, ମୁକ୍ତ ଓ ଅବାଧ ନିର୍ବାଚନ

ନିର୍ବାଚନ ସଂସ୍କାରର ଆବଶ୍ୟକତା ଉପରେ ଅନେକ ବୁଦ୍ଧିଜୀବି, ରାଜନୈତିକ ଦଳ, ବିଭିନ୍ନ ବେସରକାରୀ ଅନୁଷ୍ଠାନ ଓ ସଂଖ୍ୟାଧିକ ବ୍ୟକ୍ତିବିଶେଷ ବିଭିନ୍ନ ପ୍ରସ୍ତାବ ଟିଭି ଓ ସମ୍ବାଦପତ୍ର ମାଧ୍ୟମରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହି ପ୍ରସ୍ତାବମାନଙ୍କ ମଧ୍ୟରୁ ଅନେକ କାର୍ଯ୍ୟକାରୀ ହୋଇ ବି ତା'ର ସୁଫଳ ମିଳିପାରିନାହିଁ । ନିମ୍ନରେ ନିର୍ବାଚନ ସଂସ୍କାରର କେତୋଟି ମୁଖ୍ୟ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଛି ।

୧. ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିର୍ବାଚନ ପ୍ରକ୍ରିୟାର ଆବଶ୍ୟକୀୟ ପରିବର୍ତ୍ତନ କରିବା ।

୨. ସମାନୁପାତିକ ଭୋଟ ବ୍ୟବସ୍ଥାର ପ୍ରଚଳନ । ଏହି ବ୍ୟବସ୍ଥାରେ ମତଦାତାଙ୍କ ମଧ୍ୟରୁ ସମର୍ଥକ ଶତାଂଶ ଅନୁଯାୟୀ ଦଳମାନେ ମତଦାନ ହାର ସଂଗ୍ରହ କରିବେ ଏବଂ ସେମାନଙ୍କ ଦ୍ୱାରା ହାସଲ ହୋଇଥିବା ମତ ଶତାଂଶ ହାର ଅନୁଯାୟୀ ସମପରିମାଣ ଆସନ ସେମାନଙ୍କୁ ମିଳିବ ।

୩. ଆଜିକାଲି ବ୍ୟୟବହୁଳ ପ୍ରଚାର ଓ ଅନ୍ୟାନ୍ୟ ଖର୍ଚ୍ଚାଧିକ ଯୋଗୁଁ ନିର୍ବାଚନ ପ୍ରକ୍ରିୟା ଗଣତନ୍ତ୍ରଠାରୁ ଦୂରେଇଯାଉଛି । ତେଣୁ ନିର୍ବାଚନଜନିତ ଖର୍ଚ୍ଚକାଟ ଓ ପ୍ରାର୍ଥୀମାନଙ୍କର ସମ୍ପତ୍ତି ତାଲିକା ସଂପର୍କରେ ଯାଞ୍ଚ ବ୍ୟବସ୍ଥା କରାଯାଇ ପ୍ରକୃତ ତଥ୍ୟ ପ୍ରକାଶିତ ହେବା ଉଚିତ ।

୪. ଆଚରଣ ବିଧି ଉଲଙ୍ଘନ କ୍ଷେତ୍ରରେ କଠୋର ଦଣ୍ଡର ବ୍ୟବସ୍ଥା ରହିବା ଉଚିତ ।

୫. ଏକ ରାଷ୍ଟ୍ରାୟତ୍ତ ପାଣ୍ଠି ଗଠନ କରାଯାଇ ସମଗ୍ର ନିର୍ବାଚନ ବ୍ୟୟକୁ ନିୟନ୍ତ୍ରଣ କରାଯାଇପାରିବ ।

୬. ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ରାଜ୍ୟ ବିଧାନସଭା ଓ ଲୋକସଭାରେ ମହିଳାମାନଙ୍କ ଆନୁପାତିକ ସଂଖ୍ୟାକୁ ଅତି କମ୍‌ରେ ଏକ ତୃତୀୟାଂଶ କରାଯିବା ଦରକାର ।

୭. ଅର୍ଥ ଓ ବଳପ୍ରୟୋଗକୁ ସମ୍ପୂର୍ଣ୍ଣଭାବେ ନିର୍ବାଚନରେ ନିୟନ୍ତ୍ରଣ କରାଯିବା ଉଚିତ ।

୮. ନ୍ୟାୟାଳୟ ଦ୍ୱାରା ଦଣ୍ଡିତ ବ୍ୟକ୍ତିଙ୍କୁ ନିର୍ବାଚନରେ ଅଶଂଗ୍ରହଣ ପାଇଁ ଅନୁମତି ଦିଆଯିବା ଉଚିତ୍ ନୁହେଁ।

୯. ନିର୍ବାଚନରେ ଜାତିଭେଦ ପ୍ରଥାର ସମ୍ପୂର୍ଣ୍ଣ ନିରାକରଣ କରାଯିବା ଗଣତନ୍ତ୍ର ପାଇଁ ଶୁଭଙ୍କର ଅଟେ।

## ? ତୁମେ ଜାଣ କି

୧. **Plurality System** ଦ୍ୱାରା ଅଧିକ ଭୋଟ ପାଇଥିବା ପ୍ରାର୍ଥୀଙ୍କୁ ବିଜୟୀ ବୋଲି ଘୋଷଣା କରାଯାଏ। ଏହି ଭୋଟ ଦାନ ପ୍ରଥା ଦ୍ୱାରା ବର୍ତ୍ତମାନ ଏକ ବା ଏକାଧିକ ସଦସ୍ୟ ଭିତ୍ତିକ ନିର୍ବାଚନ ମଣ୍ଡଳୀର ସଦସ୍ୟ ମାନଙ୍କୁ ବଛାଯାଇଥାଏ।

୨. ଗଣତନ୍ତ୍ର ସଂଖ୍ୟା ଗରିଷ୍ଠତାରେ ବିଶ୍ୱାସ କରେ। ପ୍ରତ୍ୟେକ ବିଜୟୀ ପାର୍ଥୀଙ୍କ ଭୋଟ ହାର ଶତକଡ଼ା ୫୦ ଭାଗରୁ ଅଧିକ ହେବା ଉଚିତ। ସମାନୁପାତିକ ଭୋଟ ବ୍ୟବସ୍ଥାରେ ମତଦାତାଙ୍କ ମଧ୍ୟରୁ ସମର୍ଥକ ଶତାଂଶ ଅନୁଯାୟୀ ବିଭିନ୍ନ ଦଳମାନେ ମତଦାନ ହାର ସଂଗ୍ରହ କରିବେ ଏବଂ ସେମାନଙ୍କ ଦ୍ୱାରା ହାସଲ ହୋଇଥିବା ମତ ଶତାଂଶ ହାର ଅନୁଯାୟୀ ସମପରିମାଣ ଆସନ ପାଇବେ। ତେଣୁ ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟା ସଂପର୍କରେ କେତେକ ନୂତନ ପଦକ୍ଷେପ ଗ୍ରହଣ କରିଛନ୍ତି।

(୧) ନିର୍ବାଚନ ପ୍ରଚାର ପାଇଁ ସମସ୍ତ ଦଳର ପ୍ରାର୍ଥୀମାନେ ସରକାରୀ କାର୍ଯ୍ୟକ୍ରମର ପ୍ରଚାର କରୁଥିବା ମାଧ୍ୟମଗୁଡ଼ିକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିପାରିବେ।

(୨) ପୂର୍ବାନୁମାନ ଫଳାଫଳ ଘୋଷଣା କରୁଥିବା ମାଧ୍ୟମଗୁଡ଼ିକ ଉପରେ ନିଷେଧାଜ୍ଞା ଜାରି କରାଯାଇଛି।

(୩) ରାଜନୀତିରୁ ଆତଙ୍କବାଦ ଓ ଭୟର ବାତାବରଣ ଦୂରେଇବା ପାଇଁ ଯଥା ସମ୍ଭବ ଉଦ୍ୟମ କରାଯାଉଛି।

(୪) ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ଘଟଣାକୁ କମ୍ପ୍ୟୁଟର ମାଧ୍ୟମରେ ପରିବେଷଣ କରାଯାଉଛି।

(୫) ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚର ହିସାବକୁ ସରଳୀକରଣ କରାଯାଇଛି।

(୬) ନିର୍ବାଚନରେ ଅଂଶଗ୍ରହଣ କରୁଥିବା ସମସ୍ତ ପଦସ୍ଥ କର୍ମଚାରୀ, ଅନ୍ୟାନ୍ୟ କର୍ମଚାରୀ ଓ ପ୍ରାର୍ଥୀମାନଙ୍କୁ ପରିଚୟ ପତ୍ର ଦେବା ସଙ୍ଗେ ସଙ୍ଗେ ସେମାନଙ୍କ ପାଇଁ ଆଚରଣବିଧି ପ୍ରଚଳନ କରାଯାଇଛି।

(୭) ଉପଯୁକ୍ତ ଆଚରଣ ବିଧି ପ୍ରୟୋଗ ଉପରେ କଡ଼ା ନଜର ରଖାଯାଇଛି।

ଆମ ଦେଶର ନିର୍ବାଚନ ପରିଚାଳନାରେ କିଛିଟା ଦୋଷତୃଟି ରହିଯାଇଥିଲେ ବି, ନିର୍ବାଚନ ଆୟୋଗ ସଫଳତାର ସହ ତାଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହକରି ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇଛନ୍ତି। ତେଣୁ ଆମ୍ଭେମାନେ ନିଶ୍ଚୟ ଆଶା କରିବା ଯେ, ଆମ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଦିନକୁ ଦିନ ସଫଳତା ପଥରେ ଆଗେଇ ଚାଲିଛି।

## ଅଭ୍ୟାସ ୨୨.୪

ମତଦାନରେ ଭାଗ ନେଇଥିବା ତୁମ ପରିବାରର ବୟସ୍କ ସଦସ୍ୟ କିମ୍ବା ବୟୋଜ୍ୟେଷ୍ଠ ପଡ଼ୋଶୀଙ୍କ ପ୍ରତିକ୍ରିୟା ଜାଣିବା ପାଇଁ ତାଙ୍କୁ ସାକ୍ଷାତ କର ଓ ଏହା ପାଇଁ କିଛି ପ୍ରଶ୍ନ ଦିଆଯାଇଛି, ତାହା ସେମାନଙ୍କୁ ପଚାର।

୧. ନାମ---------- ବୟସ----------

୨. ଆପଣ ପ୍ରଥମେ କେଉଁ ନିର୍ବାଚନ ମଣ୍ଡଳୀରେ ମତଦାନ କରୁଥିଲେ ?

୩. କେଉଁ ପ୍ରାର୍ଥୀଙ୍କୁ ଭୋଟ ଦେବାର ନିଷ୍ପତ୍ତି କିପରି ନେଲେ ?

୪. ଆପଣ କୌଣସି ରାଜନୈତିକ ଦଳର ନିର୍ବାଚନୀ ଇସ୍ତାହାର ପଢ଼ିଛନ୍ତି କି ? ଏହା ଆପଣଙ୍କ ମତଦାନ ନିଷ୍ପତ୍ତିରେ ସାହାଯ୍ୟ କଲା କି ?

## ପାଠଗତ ପ୍ରଶ୍ନାବଳୀ ୨୨.୪

୧. ସାର୍ବଜନୀନ ସାବାଳକ ଭୋଟ ପ୍ରଥା ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ମତଦାନ ପାଇଁ ସୁଯୋଗ ଦେଇଥାଏ। ତୁମେ ଭାବୁଛ କି, ଏହା ଦ୍ୱାରା ବିଭିନ୍ନ ଜାତି, ଧର୍ମ, ବର୍ଣ୍ଣମାନଙ୍କ ମଧ୍ୟରେ ଥିବା ଅସମତା ଦୂରୀକରଣ କରାଯାଇପାରିବ, ଏ ଉକ୍ତିର ସତ୍ୟତା ପ୍ରତିପାଦନ କର।

୨. ଭାରତୀୟ ନିର୍ବାଚନ ପ୍ରକ୍ରିୟା ସମ୍ମୁଖୀନ ହେଉଥିବା ଯେ କୌଣସି ୩ଟି ସମସ୍ୟା ବିଷୟ ଉଲ୍ଲେଖ କର।

୩. ଯେ କୌଣସି ୨ଟି ନିର୍ବାଚନ ସଂସ୍କାର ବିଷୟରେ ଆଲୋଚନା କର ଯାହା ଭାରତୀୟ ନିର୍ବାଚନ ପ୍ରକ୍ରୀୟା ପାଇଁ ଗୁରୁତ୍ୱପୂର୍ଣ୍ଣ।

## ତୁମେ କ'ଣ ଶିଖିଲ

- ଭାରତ ଭଳି ବିଶାଳ ଦେଶରେ ପ୍ରତିନିଧିମୂଳକ ଗଣତନ୍ତ୍ର ଶାସନ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ତେଣୁ ନିର୍ବାଚନକୁ ଏ ଦେଶରେ ଗଣତନ୍ତ୍ରର ମୂଳ ଆଧାର କୁହାଯାଏ।
- ନିର୍ବାଚନ ପାଇଁ ନିର୍ବାଚନ ପ୍ରକ୍ରିୟା ଓ ମତଦାତାମାନେ ଆବଶ୍ୟକ, ଯାହା ଦ୍ୱାରା ପ୍ରତିନିଧିମାନେ ନିର୍ବାଚିତ ହୁଅନ୍ତି।
- ଗୋଟିଏ ନିର୍ବାଚନମଣ୍ଡଳୀ ପାଇଁ ଜଣେ ପ୍ରତିନିଧି ବ୍ୟବସ୍ଥା ଗ୍ରହଣୀୟ। ଏହା ଗୁପ୍ତ ଭୋଟ ଦ୍ୱାରା ନିର୍ଦ୍ଦିଷ୍ଟ କରାଯାଏ।

- ପରୋକ୍ଷ ନିର୍ବାଚନ ପ୍ରକ୍ରିୟାରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ଓ ରାଜ୍ୟସଭା ସଦସ୍ୟମାନେ ନିର୍ବାଚିତ ହୁଅନ୍ତି। କିନ୍ତୁ ବ୍ୟବସ୍ଥାପକ ସଦସ୍ୟ ଓ ଲୋକସଭା ସଦସ୍ୟମାନେ ପ୍ରତ୍ୟକ୍ଷ ନିର୍ବାଚନ ଦ୍ୱାରା ନିର୍ବାଚିତ ହୋଇଥାନ୍ତି।
- ଭାରତରେ ନିର୍ବାଚନ ପରିଚାଳନା ପାଇଁ ଏକ ନିରପେକ୍ଷ ଓ ଦକ୍ଷ ନିର୍ବାଚନ ଆୟୋଗ ଅଛି।
- ପ୍ରଚଳିତ ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ସମାହିତ ହେଲେ ବି, ନିର୍ବାଚନ ସଂସ୍କାରର ଆବଶ୍ୟକତା ଅଛି।

## ଅନ୍ତିମ ଅନୁଶୀଳନୀ

୧. ନିର୍ବାଚନରେ ଲୋକମାନଙ୍କର ଅଂଶଗ୍ରହଣର ମହତ୍ୱ ବର୍ଣ୍ଣନା କର । ତୁମେ ଭାବୁଛକି , କୌଣସି ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ଦ୍ୱାରା ଭାଗିଦାରୀ ବ୍ୟବସ୍ଥାର ଅନ୍ତ ହୋଇଗଲା । କାରଣ ସହ ଲେଖ ।

୨. ଜନମତ କିପରି ଗଣତନ୍ତ୍ରକୁ ସମୃଦ୍ଧ କରେ ?

୩. ଜନମତକୁ ପ୍ରଭାବିତ କରୁଥିବା ୪ଟି ସଂସ୍ଥାର କାର୍ଯ୍ୟ ଲେଖ । ଏଥି ମଧ୍ୟରୁ କେଉଁ ସଂସ୍ଥା ଜନମତ ଉପରେ ବିଶେଷ ପ୍ରଭାବ ପକାଇଥାଏ ?

୪. ଭାରତୀୟ ଗଣତନ୍ତ୍ରରେ ନିର୍ବାଚନର ଭୂମିକା କ'ଣ ? ବିଭିନ୍ନ ପ୍ରକାରର ନିର୍ବାଚନ ବିଷୟରେ ଲେଖ।

୫. ନିର୍ବାଚନ ଆୟୋଗଙ୍କ କାର୍ଯ୍ୟ ଲେଖ ଓ ନିର୍ବାଚନ ପ୍ରକ୍ରିୟାରେ କେଉଁ କାର୍ଯ୍ୟଟି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ?

୬. ସାର୍ବଜନୀନ ମତଦାନ ଅର୍ଥ କ'ଣ ? ଗଣତନ୍ତ୍ରରେ ଏହାର ଗୁରୁତ୍ୱ କ'ଣ ଲେଖ।

୭. ଭାରତର କେଉଁ ଅଞ୍ଚଳରେ ଜାତିପ୍ରଥା ଉତ୍କଟ ଅଟେ। ସାବାଳକ ମତଦାନ, ଏହାକୁ କିପରି ସଜାଡ଼ି ପାରିବ ?

୮. ଭାରତୀୟ ନିର୍ବାଚନ ପ୍ରକ୍ରିୟାରେ କେଉଁ ସମସ୍ୟା ଦେଖାଯାଏ। ତନ୍ମଧ୍ୟରୁ ୪ଟି ସମସ୍ୟା ବିଷୟରେ ଲେଖ।

୯. ନିର୍ବାଚନ ଆୟୋଗଙ୍କ ପାଇଁ ଏକ କାର୍ଯ୍ୟ ଚିଠା ପ୍ରସ୍ତୁତ କର, ଯାହା ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କର ନିର୍ବାଚନ ପ୍ରଚାରକୁ ନିୟନ୍ତ୍ରିତ କରିବ।

୧୦. ତୁମେ ଭାବୁଛ କି, ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣିବା ଅତ୍ୟନ୍ତ ଜରୁରୀ ? କେବେ କେଉଁ ମୁଖ୍ୟ ପ୍ରସ୍ତାବଗୁଡ଼ିକ ନିର୍ବାଚନ ସଂସ୍କାର ପାଇଁ ଆବଶ୍ୟକ, ଲେଖ ?

## ପାଠ୍ୟଗତ ପ୍ରଶ୍ନାବଳୀର ଉତ୍ତର

### ୨୨.୧

୧. ମତଦାନ ଦ୍ୱାରା ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିହୁଏ। ଏହି ଅଂଶଗ୍ରହଣ ସର୍ବସାଧାରଣ ତର୍କ ଓ ଆଲୋଚନାରେ ଭାଗନେଇ ନିଜର ମତାମତ ପ୍ରକାଶ କରିବାକୁ ବୁଝାଇଥାଏ। ନିଜେ ଜଣେ ରାଜନୈତିକ ଦଳର ପ୍ରାର୍ଥୀ ଭାବେ ବା ମତଦାତା ଭାବେ ହେଉ, ନିର୍ବାଚନ ପ୍ରକ୍ରିୟାରେ ଭାଗନେଇ ହୁଏ।

୨. ଜନମତ ଓ ଜନସାଧାରଣଙ୍କ ସ୍ୱର ଏକା କଥା ନୁହେଁ। ଜନସାଧାରଣଙ୍କ ମତାମତ ସମସ୍ତଙ୍କର ମତାମତ ନୁହେଁ କିମ୍ବା ଅଧିକାଂଶ ଲୋକଙ୍କ ମତାମତ ନୁହେଁ। ଏକ ନିର୍ଦ୍ଦିଷ୍ଟ ସମସ୍ୟା ଉପରେ ଗଠନମୂଳକ ମତାମତକୁ ଜନମତ କୁହାଯାଏ। ଅନେକଗୁଡ଼ିଏ ମତାମତ ସଂଗ୍ରହ କରାଯାଇ ଏକ ନିର୍ଦ୍ଦିଷ୍ଟ ମତାମତ ସୃଷ୍ଟି କରାଯାଏ, ଏହାକୁ ମଧ୍ୟ ଜନମତ କୁହାଯାଏ।

୩. ଗଣତନ୍ତ୍ରରେ ଜନମତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏକ ଗଣତାନ୍ତ୍ରିକ ସରକାର ଲୋକମାନଙ୍କ ସମର୍ଥନ ଓ ବିଶ୍ୱାସ ଦ୍ୱାରା ଶକ୍ତିଶାଳୀ ହୋଇଥାଏ। ସାଧାରଣ ସମସ୍ୟା ଉପରେ ଜନମତ ସୃଷ୍ଟି ହୁଏ। ଏହା ଶାସନବ୍ୟବସ୍ଥାକୁ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ସାଧାରଣ ସ୍ୱାର୍ଥ ଥିବା ସମସ୍ୟା ସମାଧାନ ପାଇଁ କ୍ଷେତ୍ର ପ୍ରସ୍ତୁତ କରେ।

୪. ସମ୍ବାଦ ଓ ଟେଲିଭିଜନ ପରି ଅନ୍ୟାନ୍ୟ ଗଣମାଧ୍ୟମ ଜନମତକୁ ବିଶେଷ ଭାବେ ପ୍ରଭାବିତ କରିଥାଏ। ଏହି ଉତ୍ତରର ଦ୍ୱିତୀୟଭାଗ ତୁମେ ଲେଖ।

### ୨୨.୨

ନିର୍ବାଚନ ଯେ କୌଣସି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅଂଶଗ୍ରହଣ କରିବା ପାଇଁ ମତଦାତାମାନଙ୍କୁ ସୁଯୋଗ ଦେଇଥାଏ। ଲୋକମାନେ ମତଦାନ ଦ୍ୱାରା ଗଣତନ୍ତ୍ର ଶାସନ ପାଇଁ ଅଧିକା ଉପଯୋଗୀ ହୋଇଥାନ୍ତି। ସେମାନେ ଦେଶର ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ବ୍ୟବସ୍ଥା ବିଷୟରେ ପ୍ରଶାସନକୁ ସାହାଯ୍ୟ କରନ୍ତି। ଆବଶ୍ୟକ ହେଲେ ଶାନ୍ତିପୂର୍ଣ୍ଣ ଉପାୟରେ ଶାସନ ବ୍ୟବସ୍ଥାର ପରିବର୍ତ୍ତନ କରି ଏକ ଜନମଙ୍ଗଳ ସରକାର ପ୍ରତିଷ୍ଠା କରନ୍ତି। ତେଣୁ ନିର୍ବାଚନର ଉପଯୋଗିତା ଓ ଆବଶ୍ୟକତା ଗଣତନ୍ତ୍ର ପାଇଁ ଯଥେଷ୍ଟ ଗୁରୁତ୍ୱ ବହନ କରେ।

୨. ପ୍ରତ୍ୟକ୍ଷ ନିର୍ବାଚନରେ ମତଦାତାମାନେ ସିଧାସଳଖ ବିଧାନସଭା, ଲୋକସଭା ଓ ସ୍ୱାୟତ୍ତ ସଂସ୍ଥାର ପ୍ରତିନିଧିମାନଙ୍କୁ ନିର୍ବାଚିତ କରନ୍ତି । କିନ୍ତୁ ପରୋକ୍ଷ ନିର୍ବାଚନରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟସଭାର ସଦସ୍ୟମାନଙ୍କୁ ସେମାନଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ନିର୍ବାଚିତ କରନ୍ତି ।

୩. ଶୂନ୍ୟସ୍ଥାନ ପୂରଣ –

(କ) ସାଧାରଣ ନିର୍ବାଚନ (ଖ) ମଧ୍ୟବର୍ତ୍ତିକାଳୀନ ନିର୍ବାଚନ (ଗ) ଉପନିର୍ବାଚନ

## ୨୨.୩

୧. ନିର୍ବାଚନ ଆୟୋଗ, ଜଣେ ମୁଖ୍ୟ ଆୟୁକ୍ତ ଓ ଅନ୍ୟ କେତେଜଣ ସଦସ୍ୟ ଆୟୁକ୍ତଙ୍କୁ ନେଇ ଗଠିତ। ଆୟୋଗରେ କେତେଜଣ ସଦସ୍ୟ ଆୟୁକ୍ତ ରହିବେ ତାହା ରାଷ୍ଟ୍ରପତି ସ୍ଥିର କରନ୍ତି। ବର୍ତ୍ତମାନ ନିର୍ବାଚନ ଆୟୋଗରେ ଜଣେ ମୁଖ୍ୟ ଆୟୁକ୍ତ ଓ ଅନ୍ୟ ଦୁଇ ଜଣ ସଦସ୍ୟ ଆୟୁକ୍ତ କାର୍ଯ୍ୟରତ ଅଛନ୍ତି ?

୨. ନିର୍ବାଚନ ଆୟୋଗଙ୍କ ମୁଖ୍ୟ ଦୁଇଟି କାର୍ଯ୍ୟ ହେଲା –

(କ) ଦେଶରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବା ।

(ଖ) ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ନିଜର ପରାମର୍ଶ, ତର୍ଜମା ଓ ବିଚାରଧାରା ଦ୍ୱାରା ଶୃଙ୍ଖଳିତ ଓ ମାର୍ଜିତ କରିବ ।

୩. ନିର୍ବାଚନ ପରିଚାଳନା ପାଇଁ ନିର୍ବାଚନ ଆୟୋଗ ବିଭିନ୍ନ ପଦାଧିକାରୀଙ୍କ ସହଯୋଗ ହୋଇଥାନ୍ତି । ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲ୍ଲାର ନିର୍ବାଚନ ଅଧିକାରୀ, ରେଜିଷ୍ଟ୍ରେସନ ଅଫିସର ଓ ପ୍ରତ୍ୟାଗମ ଅଧିକାରୀ ମାନେ ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚନ ଆୟୁକ୍ତଙ୍କୁ ସାହାଯ୍ୟ କରନ୍ତି ।

୪. ପ୍ରତ୍ୟାଗମ ଅଧିକାରୀଙ୍କ କାର୍ଯ୍ୟ – ପ୍ରାର୍ଥୀମାନଙ୍କ ମନୋନୟନ ପତ୍ର ଯାଞ୍ଚକରି ଗ୍ରହଣକରିବା, ସେମାନଙ୍କୁ ନିର୍ବାଚନ ସଂକେତ ଦେବା, ସମସ୍ତ ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ପାଇଁ କ୍ଷେତ୍ର ପ୍ରସ୍ତୁତ କରିବା ଓ ନିର୍ବାଚନ ପରେ ଫଳାଫଳ ଘୋଷଣା କରିବା ପ୍ରଭୃତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସେମାନଙ୍କୁ ତୁଲାଇବାକୁ ପଡ଼ିଥାଏ ।

୫. (କ) ନିର୍ବାଚନ ମଣ୍ଡଳୀର ସୀମା ନିର୍ଦ୍ଧାରଣ କରିବା ନିର୍ବାଚନ ପ୍ରକ୍ରିୟାର ପ୍ରଥମ କାର୍ଯ୍ୟ । ଏହା ସୀମା ନିର୍ଦ୍ଧାରଣ ଆୟୁକ୍ତ ଦ୍ୱାରା ହୋଇଥାଏ ।

(ଖ) ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ପାଇଁ ସ୍ୱତନ୍ତ୍ର ମତଦାତା ସୂଚୀ ପ୍ରସ୍ତୁତ କରାଯାଏ ।

(ଗ) ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ନିର୍ବାଚନ ଆୟୋଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ନିର୍ବାଚନ ତାରିଖ ଘୋଷଣା କରନ୍ତି ।

(ଘ) ମନୋନୟନ ପତ୍ର ଦାଖଲ, ଯାଞ୍ଚ ଓ ପ୍ରତ୍ୟାହାର ଓ ନିର୍ବାଚନ ଫଳାଫଳ ଘୋଷଣାର ତାରିଖ ଓ ସମୟ ନିର୍ବାଚନ ସୂଚୀରେ ସ୍ଥାନ ପାଇଥାଏ ।

(ଙ) ପ୍ରାର୍ଥୀ ଓ ରାଜନୈତିକ ଦଳମାନଙ୍କ ସଂକେତ ଦେବା କାର୍ଯ୍ୟ ମଧ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଇଥାଏ ।

## ୨୨.୪

୧. ସାର୍ବଜନୀନ ସାବାଳକ ମତଦାନ ଅର୍ଥ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ନାଗରିକ ମତଦାନ କରିପାରିବେ । ସେମାନେ ଯେକୌଣସି ନିର୍ବାଚନରେ ସେମାନଙ୍କର ମତଦାନ ଅଧିକାରକୁ ସାବ୍ୟସ୍ତ କରିପାରିବେ । ତଥାପି ଦେଶର ଅନେକ ଅଞ୍ଚଳରେ ଉକ୍ତ ମତଦାନ ଅଧିକାରରୁ ବଞ୍ଚିତ ହେବାର ଦୃଷ୍ଟାନ୍ତ ରହିଛି । ମତଦାନ କ୍ଷେତ୍ରରେ ନାଗରିକମାନଙ୍କ ଆଭିମୁଖ୍ୟର ପରିବର୍ତ୍ତନ ଘଟିଲେ ପ୍ରକୃତ ସାମାଜିକ ନ୍ୟାୟ ଓ ସମତା ପ୍ରତିଷ୍ଠିତ ହୋଇପାରିବ ।

୨. ଭାରତର ନିର୍ବାଚନ ପ୍ରକ୍ରିୟା ସମ୍ମୁଖୀନ ହେଉଥିବା ସମସ୍ୟା ମାନ ହେଲା -

(କ) ମତଦାନ କେନ୍ଦ୍ର ବଳପୂର୍ବକ ଦଖଲ କରିବା, ଯେ କୌଣସି ସମୟରେ ହିଂସାକାଣ୍ଡ ସୃଷ୍ଟି କରିବା ଓ ନାଗରିକମାନଙ୍କୁ ମତଦାନରୁ ବଞ୍ଚିତ କରିବା ।

(ଖ) ଅର୍ଥର ଲୋଭ ଓ ଆବଶ୍ୟକ ପଡ଼ିଲେ ବଳ ପ୍ରୟୋଗ କରି ମତଦାତାମାନଙ୍କୁ ପ୍ରଭାବିତ କରିବା ।

୩. (କ) ପ୍ରତି ରାଜନୈତିକ ଦଳକୁ ନିୟନ୍ତ୍ରଣକରିବା ପାଇଁ ଆବଶ୍ୟକ ଆଇନ ପ୍ରଣୟନ କରିବା ଓ ପ୍ରାର୍ଥୀମାନଙ୍କ ନିର୍ବାଚନ ଓ ଅନ୍ୟାନ୍ୟ ଖର୍ଚ୍ଚକୁ ସୀମିତ ରଖିବା ।

(ଖ) ଆଇନ ପଣୟନ କରି ପ୍ରକୃତ ଦୋଷୀକୁ କଠିନ ଦଣ୍ଡ ଦେବା ।